## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବଡ଼ବାପା ମୃତ, ପୁତୁରା ଗୁରୁତର

ରାଜନଗର,୧୬(ଡି.ଏନ.ଏ.): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଘତୈଳା ଗ୍ରାମର ରମେଶ ଚନ୍ଦ୍ର ରାଉତ (୫୯)ଙ୍କ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ପୁତୁରା ରାଜୁ ରାଉତ (୨୦) ଗୁରୁତର ହୋଇଛନ୍ତି। ଉଭୟେ ମଙ୍ଗଳବାର ଚାନ୍ଦିବାଉଁଶମୂଳ ପଞ୍ଚାୟତର ହାତିଆଗଡିଗାଁରେ ଥିବା ବନ୍ଧୁଙ୍କ ଘରକୁ ଯାଇଥିଲେ। ସନ୍ଧ୍ୟାରେ ବନ୍ଧୁଙ୍କ ଘରୁକୁ ଫେରିବା ସମୟରେ ହଠାତ୍ ଝଡ଼ ତୋଫାନ ହୋଇଥିଲା। ସେହି ସମୟରେ ଏକ ଗାଡ଼ି ରମେଶଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ରାଜୁଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ରମେଶ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ପାନ ଦୋକାନ କରି ପରିବାର ଚଳାଉଥିଲେ । ମାସେ ହେଲା ସେ ଘରକୁ ଆସିଥିଲେ। ୧୫ଦିନ ତଳେ ପୁଅ ବାହାଘର କରିଥିଲେ। ସୋମବାର ବନ୍ଧୁଙ୍କ ଘରକୁ ଯାଇ ଫେରିବା ବାଟରେ ସଡ଼କ ଦୁର୍ଘଟଣାରେ ତାଙ୍କରମୃତ୍ୟୁ ଘଟିଛି।

### ଚକ୍ରଧର ଶତପଥୀଙ୍କ ସ୍ମୃତି ସଭା

ପାଟକୁରା,୧୬(ଡି.ଏନ.ଏ.): ଗରଦପୁର ବ୍ଲକ୍ ଅନ୍ତର୍ଗତ କଳାବୁଦାଠାରେ ପାଟକୁରାର ପ୍ରାକ୍ତନ ବିଧାୟକ ଚକ୍ରଧର ଶତପଥିଙ୍କ ଷୋଡଶ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ କଳାବୁଦା ବାରୁଣୀ ଘାଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ତାଙ୍କ ଜନ୍ମସ୍ଥାନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତି ସଭାରେ ଶିକ୍ଷାବିତ୍ ତଥା ଗ୍ରନ୍ଥକାର ହିରଣ୍ୟ ମହାନ୍ତି ସଭାପତିତ୍ୱ କରିଥିଲେ । ଭାଜପା ନେତା ବିଜୟ ମହାପାତ୍ର, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ, ପ୍ରଫୁଲ୍ଲ ବେଉରା, ଶ୍ରୀକାନ୍ତ ନାୟକ, ଅଧ୍ୟାପକ ରମାକାନ୍ତ ପାଣି, ପ୍ରାଧ୍ୟାପକ ନୀରୋଦ କୁମାର ଦାସ,କ୍ଷିରୋଦ ପ୍ରସାଦ ନାୟକ, ଭାଜପା ନେତା ନାରାୟଣ ସ୍ୱାଇଁ ପ୍ରମୁଖ ଚକ୍ରଧର ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାକୁ ପୁତ୍ର ଆଲୋକ ରଞ୍ଜନ ଶତପଥି ପରିଚାଳନା କରିଥିଲେ।




# କେନ୍ଦ୍ରାପଡ଼ାରେ ବଢୁଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା

କେନ୍ଦ୍ରାପଡ଼ା ଅଫିସ, ୧୬

- ସହଜରେ ମିଳୁଛି ଶିକ୍ଷା ପ୍ରମାଣପତ୍ର
- ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି
- ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ପାଇଁ ଦାବି

ଅନୁପ୍ରବେଶ ଓ ଆତଙ୍କବାଦ ସହ କେନ୍ଦ୍ରାପଡ଼ା ଜିଲାର ସଂଯୋଗ ରହିଥିବା ବେଳେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାର କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲାର ୪୮ କିଲୋମିଟର ଖୋଲାମେଲା ସମୁଦ୍ର ତଟ ଏବେ ବି ମୁକୁଳା ହୋଇଥିବାରୁ ଅନୁପ୍ରବେଶକାରୀ ପଶି ଆସିବା ନେଇ ଜିଲାବାସୀ ଭୟଭୀତ ଅଛନ୍ତି। ୨୦୦୮ରେ ବମ୍ବେ ଆକ୍ରମଣ ପରେ ସମସ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ନଜର ରଖିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଏନ୍‌ଆଇଏ ଦ୍ୱାରା ସନ୍ଦିଗ୍ଧ ଆତଙ୍କବାଦୀ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତେଣ୍ଡାକୁଡ଼ା ଗାଁର ହବିବୁର ରହେମାନ ୨୦୧୮ରେ ଧରା ପଡିବା ପରେ ଏ ନେଇ ଆଲୋଚନା ହୋଇଥିଲା। ୨୦୦୭ରେ ରାଜସ୍ଥାନର ଭାରତ ପାକିସ୍ଥାନ ସୀମାରୁ ଗିରଫ ହୋଇଥିବା କେନ୍ଦ୍ରାପଡା ଜିଲା ଟାଉନ ଥାନା ଅନ୍ତର୍ଗତ ରଣପଡାର ମହମ୍ମଦ ଜାଭେଦଙ୍କୁ ରାଜସ୍ଥାନ ପୋଲିସ ୨୦୧୦ରେ ଏଠାକୁ ଆସି ଖୋଜିଥିଲେ। ଏଥିସହ ଭିତରକନିକା ଅଞ୍ଚଳରୁ ପୂର୍ବରୁ ବେଆଇନ ରେଡିଓ ଷ୍ଟେଶନ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଥିଲା। ଏବେ ମଧ୍ୟ ସି ସଟଲ ମାଧ୍ୟମରେ ବାଂଲାଦେଶୀ ଏହି ଜିଲାକୁ ପଶି ଆସି ବସବାସ କରୁଥିବା ବହୁ ଅଭିଯୋଗ ରହିଛି। ଏପରି କି ବାଂଲାଦେଶର ଅମିତ ରାୟଙ୍କ ଭିସା ଓ ଅନ୍ୟ କାଗଜପତ୍ର ଜିଲା ପ୍ରଶାସନ ୨୦୧୮ରେ ଜବତ କରିଛି। ଏହାସତ୍ତ୍ୱେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଜିଲାର ଉପାନ୍ତ ଅଞ୍ଚଳରେ ବଢ଼ି ଚାଲିଥିବା ଆଲୋଚନା ହେଉଛି।

ଏ ନେଇ ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ସୁତାର କହିଛନ୍ତି, ୨୦୦୫ରେ ଜିଲା ପ୍ରଶାସନ ୧୫୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଥିଲେ। ତେବେ ଚିହ୍ନଟକୁ ନେଇ ଆପତ୍ତି ଅଭିଯୋଗ ପରେ ଦେଶରୁ ବିଦା କରିବା ସମ୍ଭବ ହୋଇନାହିଁ। ଜିଲାରେ ୩ ସାମୁଦ୍ରିକ ଥାନା ଅଛି। ତେବେ କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକାଯାଇ ପାରୁନାହିଁ। ଜିଲାର ଉପାନ୍ତ ଅଞ୍ଚଳ ଏବେ ବଙ୍ଗ ଭାଷୀଙ୍କ ସଂଖ୍ୟା ଓଡ଼ିଆ ଭାଷୀଙ୍କଠାରୁ ବହୁ ଗୁଣରେ ଅଧିକ ହୋଇଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଏବେ ବାଂଲାଦେଶୀଙ୍କ ଭିଡ ଅଧିକ ହେଉଛି। ଏଥିପାଇଁ ସମୁଦ୍ର ପଥ, କୋଲକତା ଓ ମାଲକାନାଗିରି ରାସ୍ତା ସେମାନଙ୍କୁ ବେଶ ସୁହାଉଛି। ଏହାବ୍ୟତିତ ପୂର୍ବରୁ ରହୁଥିବା ବାଂଲାଦେଶୀ ସେମାନଙ୍କ ପାଇଁ ଏଠାରେ ରହିବାର ସମସ୍ତ ବାଧା ହଟାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଠାରେ ଜନ୍ମିତ ବୋଲି ପ୍ରମାଣିତ କରିବାକୁ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ପ୍ରମାଣପତ୍ର ଯୋଗାଇ ଦେବାଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ କରୁଛନ୍ତି। ଏପରି କି ସେମାନେ ଭୂମିହୀନ ଦର୍ଶାଇ ବସୁନ୍ଧରା ଯୋଜନାରେ ଘର ପାଇଁ ଜମି ନେଉଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ପାତ୍ରୀ କୁହନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟୀକରଣ ଏହି ଜିଲାରେ ଜରୁରୀ ହୋଇ ପଡିଥିବା ବେଳେ ଆତଙ୍କବାଦର ଏଠାରେ ରହି ଦେଶ ବିରୋଧରେ କାର୍ଯ୍ୟ କରିବା ଅସମ୍ଭବ ନୁହେଁ। ଏ ସମ୍ପର୍କରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ପଚାରିବାରେ ସାମୁଦ୍ରିକ ଥାନାର ଭିତ୍ତିଭୂମିକୁ ଉନ୍ନତିକରଣ କରାଯାଉଛି। ନିକଟରେ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ଦୂର ହେବ ବୋଲି ସେ କହିଛନ୍ତି।

# ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନଙ୍କୁ ରାଷ୍ଟ୍ରୀୟ କଳାରତ୍ନ ସମ୍ମାନ



ମେଡାଲ ସହ ସୌମ୍ୟରଞ୍ଜନ।

କେନ୍ଦ୍ରାପଡା ଅଫିସ, ୧୬

କ୍ରୀଷ୍ଣା ଆର୍ଟ ସ୍କୁର କଳା ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା ସହରର ଟାଉନ ବଳରାମପୁର ଗ୍ରାମର ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ରାଷ୍ଟ୍ରୀୟ କଳାରତ୍ନ ସମ୍ମାନ ମିଳିଛି। ଝାଡଖଣ୍ଡ ରାଜ୍ୟ ରାଞ୍ଚିସ୍ଥିତ କଳା କିର୍ତ୍ତୀ ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ପ୍ରକୃତିର ସ୍ୱର ଶୀର୍ଷକ ଚିତ୍ର ପାଇଁ ଏହି ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଏ ସମ୍ପର୍କରେ ଚିତ୍ରଶିଳ୍ପୀ ପଟ୍ଟନାୟକ କହିଛନ୍ତି, ସମ୍ପ୍ରତିକ ସମୟରେ ଅତ୍ୟାଧୁନିକ ଜୀବନଶୈଳୀ ପାଇଁ ପ୍ରକୃତି ଉପରେ ହେଉଥିବା ଅତ୍ୟାଚାର ଏହାର ଭିତ୍ତିଭୂମି ଥିଲା। ଚିତ୍ରରେ ସବୁଜ ଭୂମି ନଷ୍ଟ ଦ୍ୱାରା ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ବିଶେଷ ଧ୍ୟାନ ଦେଇଥିଲେ। ସୂଚନାଯୋଗ୍ୟ, ସୌମ୍ୟରଞ୍ଜନଙ୍କ ଚିତ୍ରକ ଳା ପ୍ରଦର୍ଶନ ପ୍ରାୟ ୨୦ବର୍ଷ ହେବ ଜାରି ରହିଛି। ଇତିମଧ୍ୟରେ ରାଜ୍ୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରଦର୍ଶିତ ଚିତ୍ର ପାଇଁ ଶତାଧିକ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ସେ ଆନ୍ତର୍ଜାତୀୟ ରାଜା ରବି ବର୍ମା ସମ୍ମାନ, ଅନ୍ତର୍ଜାତୀୟ ଆର୍ଟ ଆଇକନ, ନୋବେଲ ଆର୍ଟିଷ୍ଟ ଆୱାର୍ଡ, ଅଜନ୍ତା ଏଲୋରା କଳାଭୂଷଣ ଆୱାର୍ଡ, ଏସିଆ ବେଷ୍ଟ ଆର୍ଟିଷ୍ଟ ଆୱାର୍ଡ, ଭାରତ କଳାରତ୍ନ ଆୱାର୍ଡ, ଜ୍ୟୋତି ଲଳିତ କଳା ଆୱାର୍ଡ, ବଟକୃଷ୍ଣ ମେମୋରିଆଲ ଆୱାର୍ଡ ଆଦି ପାଇଛନ୍ତି। ତାଙ୍କର ଏହି ଚିତ୍ରକଳା ପାଇଁ ମା'ଉର୍ମିଳା ଓ ବାପା ସୁରେଶ ପ୍ରେରଣା ଯୋଗାଇଥିବା ସୌମ୍ୟରଞ୍ଜନ କହିଛନ୍ତି।

# ଚାଷୀଙ୍କୁ ମିଳୁନି ସରକାରୀ ବିହନ



ଖୋଲା ବଜାରରେ ବିହନ ବିକ୍ରି ଚାଲିଛି।

ମହାକାଳପଡ଼ା,୧୬(ଡି.ଏନ୍.ଏ.)

**ଚଢ଼ା ଦରରେ ଖୋଲା ବଜାରରୁ ଚାଷୀ କିଣୁଛନ୍ତି ହାଇବ୍ରିଡ ବିହନ**

ମୌସୁମୀ ବାୟୁ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ପ୍ରବେଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ପରିପ୍ରେକ୍ଷୀରେ ଚାଷୀମାନେ ଜମିରେ ବିହନ ବୁଣିବା ଆରମ୍ଭ କରିଛନ୍ତି। ପୂର୍ବରୁ ଚାଷୀମାନେ ନିଜ ଉତ୍ପାଦିତ ଦେଶୀ ବିହନକୁ ଅମଳ ବେଳେ ଓଳିଆରେ ବାନ୍ଧି ସାଇତି ରଖୁଥିଲେ । କିନ୍ତୁ ଏବେ ଚାଷୀଙ୍କ ଓଳିଆରୁ ଦେଶୀ ବିହନ ଉଭାନ ହୋଇଛି । ଚାଷୀମାନେ ହାଇବ୍ରିଡ ବା ଶଙ୍କର ଜାତୀୟ ଧାନ ବିହନ ଉପରେ ନିର୍ଭର କରୁଛନ୍ତି । ଏହି ବିହନ ଚାଷ କଲେ ଚାଷୀମାନେ ଅଧିକ ଫସଲ ଅମଳ କରୁଛନ୍ତି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ହାଟ ବଜାରରେ ଶଙ୍କର ଜାତୀୟ ଧାନ ବିହନ ପ୍ୟାକେଟ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଏହି ବିହନ କିଲୋ ପ୍ରତି ୧ଶହରୁ ଅଧିକ ଟଙ୍କାରେ ବିକ୍ରୟ ହେଉଛି । ବିଶେଷ କରି ଶଙ୍କର ଜାତୀୟ ଧାନ ବିହନ ମଧ୍ୟରେ ସ୍ୱର୍ଣ୍ଣ , କନକ ପ୍ଲସ , ମାଳି ଫୋର , ପୂଜା , ଶାରଳା , ସାଧନା , ବସୁମତୀ , ହଳଦୀ ଗୁଣ୍ଡି , ଗଙ୍ଗା , ରାଣୀ, କଳାଚମ୍ପା(ଗୋଲ୍ଡ), ବିନ୍ଦୁ , ବିନା ସୁପର, ବିଧାନ ଆଦି ବିହନକୁ ଚାଷୀମାନେ ଚଢ଼ା ଦରରେ ଖୋଲା ବଜାରରୁ କିଣୁଛନ୍ତି । ହେଲେ ସରକାରୀ ବିହନ ମିଳୁନାହିଁ।

ସୂଚନା ଅନୁଯାୟୀ, ଏହି ବ୍ଲକରେ ୨୮ ହଜାର ହେକ୍ଟର ଚାଷ ଜମି ରହିଛି । ସେଥିମଧ୍ୟରୁ ୨୪, ୫୦୦ ହେକ୍ଟର ଜମିରେ ଧାନ ଫସଲ ହେଉଛି । ଅବଶିଷ୍ଟ ୮୧୬୩ ହେକ୍ଟର ଜଳ ସେଚନ ଜମି ରହିଛି। ବାକି ୪ ହଜାର ହେକ୍ଟର ଜମିରେ ଅଣ ଧାନ ଫସଲ ହେଉଛି । ଅଣଧାନ ମଧ୍ୟରେ ଡାଲି, ମସଲା , ତୈଳବୀଜ, ପନିପରିବା, ନଳିତା, ଆଖୁ ଆଦି ଫସଲ କରାଯାଉଛି ବୋଲି ସହକାରୀ ବ୍ଲକ କୃଷି ଅଧିକାରୀ ପ୍ରଜ୍ଞା ପରମିତା ସୂଚନା ଦେଇଛନ୍ତି । କୃଷକମାନଙ୍କୁ ସବ୍‌ସିଡ ଋଣ ଜରିଆରେ କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

### ଗୁରୁ ପୂଜନ, ବନ୍ଧୁ ମିଳନ ଉତ୍ସବ

ଆଳି,୧୬(ଡି.ଏନ୍.ଏ.)

ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବୁଧବାର ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଭାସ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର, ବିଶ୍ୱମ୍ଭର ପାଣି, ବନମାଳୀ ସେନାପତି, ନିରଞ୍ଜନ ଦାଶ, ସନ୍ତୋଷ କୁମାର ମିଶ୍ର, ଶରତ କୁମାର ସାହୁ, ନୃସିଂହ ଚରଣ ନନ୍ଦୀ, ବିଜୟ କୁମାର ବୋଇତି, ସୁକାନ୍ତ କୁମାର ଦାଶ ଓ ଧିରେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଉତ୍ସବର ଅବ୍ୟବହିତ ପୂର୍ବରୁ ଗୁରୁମାନଙ୍କୁ ପୂଜନ କରିଥିଲେ। ଏହାର ପ୍ରତିକ୍ରିୟାରେ ଶିକ୍ଷକମାନେ ଭାରତୀୟ ସଂସ୍କୃତିର ପୂଜ୍ୟ ପୂଜା ପରମ୍ପରାକୁ ଉତ୍ତର ପିଢ଼ି ଭୁଲି ନାହାଁନ୍ତି, ଯାହା ଏହି ଉତ୍ସବରେ ପ୍ରତୀୟମାନ ହେଉଛି ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ ମଲ୍ଲିକ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରିଥିଲେ।

### ନିଖୋଜ ନାବାଳିକା ଉଦ୍ଧାର

ରସୁଲପୁର,୧୬(ଡି.ଏନ.ଏ.): କୁଆଖିଆ ଥାନା ଅଞ୍ଚଳରୁ ମେ' ୨୮ରେ ନିଖୋଜ ହୋଇ ଯାଇଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ଆଇ ପ୍ରଶାନ୍ତ ଦାଶ ନାବାଳିକାଙ୍କୁ ନିଖୋଜର ୪ ଦିନ ପରେ କେନ୍ଦୁଝରର ଅଞ୍ଚଳରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ବାପା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ନାବାଳିକାଙ୍କୁ କେହି ଅପହରଣ କରି ନ ଥିଲେ ବରଂ ସେ ଘରୁ ରାଗି ପଳାଇ ଥିଲେ ବୋଲି ପୋଲିସକୁ କହିଛନ୍ତି।

# ସ୍କୁଲ ରୂପାନ୍ତରଣରେ ୫ କୋଟି ଦୁର୍ନୀତି


ଖବରଦାତାଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଦୁର୍ନୀତି ସମ୍ପର୍କରେ ସୂଚନା ଦେଉଛନ୍ତି।

ଡେରାବିଶ,୧୬(ସ୍ୱ.ପ୍ର.)

**ଭିଜିଲାନ୍ସ ତଦନ୍ତ ପାଇଁ ଦାବି କଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା**

ଡେରାବିଶ ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଗତ ୫ ବର୍ଷ ମଧ୍ୟରେ ବହୁ ଦୁର୍ନୀତି ହୋଇଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ବୁଧବାର ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ସରକାର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ନୋଡାଲ୍ ଉଚ୍ଚବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାରମାନ ବୃଦ୍ଧି କରିବା ପାଇଁ ୫-ଟି ଯୋଜନାରେ ଏଯାଏ ୧୩ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ମାତ୍ର ବ୍ଲକ ପ୍ରଶାସନ ଓ ୫-ଟି ଯୋଜନାରେ ବିଦ୍ୟାଳୟର କାର୍ଯ୍ୟ କରୁଥିବା ଠିକାଦାର ଓ ବ୍ଲକ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଅଧ୍ୟକ୍ଷା ମଲ୍ଲିକ ଅଭିଯୋଗ କରିଛନ୍ତି। ଏପରିକି ଏହିସବୁ କାର୍ଯ୍ୟ ପାଇଁ ଅଧ୍ୟକ୍ଷାଙ୍କ ବିନା ଦସ୍ତଖତରେ ଠିକାଦାରଙ୍କୁ ବିଲ୍ ପୈଠ ପାଇଁ ପାଇଁ ସୁପାରିସ ହୋଇଥିବା ମଲ୍ଲିକ କହିଛନ୍ତି। ଏ ସଂକ୍ରାନ୍ତରେ ସେ ଜିଲାପାଳ, ଭିଜିଲାନ୍ସ ବିଭାଗ ଓ ୫-ଟି ସଚିବଙ୍କୁ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ସେହିପରି ବିଭିନ୍ନ ପଞ୍ଚାୟତରେ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଉଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ମଲ୍ଲିକ ସୂଚନା ଦେଇଥିଲେ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଦାବି କରିଛନ୍ତି।

# ରାଜନଗର-ପଟ୍ଟାମୁଣ୍ଡାଇ ତଳ ରାସ୍ତାରେ ବସ୍ ଗଡ଼ିଲା

ପଟ୍ଟାମୁଣ୍ଡାଇ,୧୬(ସ୍ୱ.ପ୍ର.)


ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ- ରାଜନଗର ତଳ ରାସ୍ତାରେ ବସ ଚାଲିଲା।

ପଟ୍ଟାମୁଣ୍ଡାଇ-ରାଜନଗର ପୁରାତନ ଉତିକଣ ବନ୍ୟା ନିରୋଧକ ବନ୍ଧ ରାସ୍ତା ମରାମତି ଚାଲିଥିବାରୁ ଗତ ୨ ବର୍ଷ ଧରି ଏହି ରାସ୍ତାରେ ଭାରୀଯାନ ବିଶେଷ କରି ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଥିଲା। ତେବେ ଏହି ପୁରାତନ ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକ ଯାତ୍ରୀବାହୀ ବସର ସୁବିଧା ନ ପାଇ ବହୁ ହୀନସ୍ଥା ଭୋଗୁଥିବାବେଳେ ବାଧ୍ୟ ହୋଇ ଶେଷରେ ରାସ୍ତାରୋକୋ ଓ ଅନଶନ କରିଥିଲେ। ଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପୁନର୍ବାର ପୁରାତନ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ୬ ମାସ ପୂର୍ବେ ଯାତ୍ରୀବାହୀ ବସ୍ ଚଳାଚଳ ଆରମ୍ଭ କରିଥିଲା । ଅନ୍ୟପକ୍ଷେ ଗତ ୨ ବର୍ଷ ଧରି ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତା ପରିବର୍ତ୍ତେ ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତାରେ ଚଳାଚଳ କରୁଥିବା ଯାତ୍ରୀବାହୀ ବସଗୁଡିକର ଚଳାଚଳ ବନ୍ଦ ହୋଇଯାଇଥିଲା। କିନ୍ତୁ ତଳ ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀବାହୀ ବସରେ ଯାତାୟତ ସୁବିଧା ପାଇ ଆସୁଥିବା ଖଣତା, ଓଉପଦା, ସଂସାରଫଳ, ଚନ୍ଦନନଗର, ଦୋଷିଆ, ବିଲିକଣା ଓ ରାଜନଗର ବ୍ଲକର କୋଇଲିପୁର ପ୍ରଭୃତି ପଞ୍ଚାୟତ ଲୋକମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ରାଜ୍ୟ ପରିବହନ ବିଭାଗ ସଚିବ ପୁନର୍ବାର ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତାରେ ଯାତ୍ରୀବାହୀ ବସ ଚଳାଚଳ କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଫଳରେ ଏହି ରାସ୍ତାରେ ଦୀର୍ଘ ୬ମାସ ଧରି ବନ୍ଦ ଥିବା ଯାତ୍ରୀବାହୀ ବସ ସେବା ପୁଣି ଥରେ ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ରାସ୍ତା ଦେଇ ରାଜନଗରକୁ ଯାତାୟତ କରୁଥିବା ୨୬ଟି ବସ ମଧ୍ୟରୁ ୧୦ଟି ବସ ବୁଧବାର ଠାରୁ ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତାରେ ଯାତାୟତ ଆରମ୍ଭ କରିଛି।

ଏନେଇ ରାଜ୍ୟ ପରିବହନ କମିଶନର, କଟକ ମେୟର ସୁବାସ ସିଂ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଜିଲାପାଳ ଅମ୍ରିତ ଋତୁରାଜ, ଏସପି ମଡକର ସନ୍ଦୀପ ସଂପଦ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ଓ ଉତିକଣ ନାଗରିକ କମିଟି ପକ୍ଷରୁ ଦୀର୍ଘ ଆଲୋଚନା ପରେ ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତାର ଯାତ୍ରବାହୀ ବସ ଚଳାଚଳ ଆରମ୍ଭ କରାଯାଇଛି । ତେବେ ଏହି ଘଟଣାରେ ପଟ୍ଟାମୁଣ୍ଡାଇ ସହରବାସୀଙ୍କ ମତାମତକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି ।

# ବିଧାୟକ, ଅଧୀକ୍ଷଣ ଯନ୍ତ୍ରୀ ନିମ୍ନମାନର କାମ ଦେଖିଲେ

**ନିମ୍ନମାନର କଲଭର୍ଟ ନିର୍ମାଣ ବିବାଦ**

- ସମସ୍ତ ନିର୍ମାଣ ଭାଙ୍ଗି ଆଉ ଥରେ କରିବାକୁ ନିର୍ଦ୍ଦେଶ

ରାଜନଗର,୧୬(ଡି.ଏନ.ଏ.)

ଅଣ ଜଳ ସେଚିତ ରାଜନଗର ବ୍ଲକରେ ଜମିକୁ ପାଣି ଯୋଗାଇବା ଓ ଉଦ୍‌ବୃତ ପାଣି ନିଷ୍କାସନ ପାଇଁ କଲଭର୍ଟ ନିର୍ମାଣ ନିମନ୍ତେ ସରକାର ଅର୍ଥ ଯୋଗାଇ ଦେଉଛନ୍ତି । ମାତ୍ର ସେହି ଅର୍ଥର ସିଂହଭାଗ ଲୁଟ୍‌ରେ ଶେଷ ହେଉଛି। ଯନ୍ତ୍ରୀ ଠିକାଦାର ମିଶି ସରକାରୀ ଅର୍ଥକୁ ଲୁଟୁଥିବା ଅଭିଯୋଗ ହୋଇଛି । ରାଜନଗର ବ୍ଲକର ଦାରୁଓରା ନିକଟରେ ନିର୍ମାଣଧୀନ କଲଭର୍ଟ କାମକୁ ଦୁଇ ଦିନ ତଳେ ସ୍ଥାନୀୟ ସରପଞ୍ଚ ଏବଂ ଚାଷୀ ବନ୍ଦ କରିଥିଲେ। ବୁଧବାର ଘଟଣାସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବାଙ୍କ ବିହାରୀ ସାମଲ ପହଞ୍ଚି ନିମ୍ନମାନର କାମକୁ ଦେଖି ତାଜୁବ ହୋଇଥିଲେ। କିପରି ଏଷ୍ଟିମେଟ୍‌ରୁ ଅଧିକାଂଶ ଆଇଟମ୍ ଗାଏବ ହୋଇଗଲା ସେନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବା ସହ ବର୍ଷି ଥିଲେ। ନିମ୍ନମାନର କାମ ହୋଇଥିବା ଅଧୀକ୍ଷଣ ଯନ୍ତ୍ରୀ ମାନିବା ସହ ସମସ୍ତ ନିର୍ମାଣ ଭାଙ୍ଗି ଆଉ ଥରେ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଡ୍ରେନେଜ ବିଭାଗରେ ଚାଲିଥିବା ଦୁର୍ନୀତିର ପ୍ରମାଣ ମିଳିଛି।


ନିମ୍ନମାନର ନିର୍ମାଣ ହୋଇଥିବା କଲଭର୍ଟକୁ ବିଧାୟକ ଓ ଅଧୀକ୍ଷଣ ଯନ୍ତ୍ରୀ ତଦାରଖ କରୁଛନ୍ତି।

ସୂଚନା ଅନୁଯାୟୀ, ଡ୍ରେନେଜ ବିଭାଗ ପକ୍ଷରୁ ରାଜନଗର ବ୍ଲକର ଦିଘି-ଜୁନୁସନଗର, ରିଘାଗଡ-ରାଜବିଜୟନଗର ଭାୟା ବାର୍‌ହାପିଟା, ଈଶ୍ୱରପୁରରୁ ଡାଲଖାଇଡିସି, ଘଡିଆମାଳଖୋଲାଜୋରଠାରୁ ଦାରୁଓରା, ତାଳଚୁଆ ପଞ୍ଚାୟତ ଅଫିସ ଠାରୁ ରାଜେନ୍ଦ୍ର ନଗର, ଡାଗୁଆରୁ ମଙ୍ଗରାଜପୁର କେନାଲ ଖୋଲାଯାଉଛି। କେନାଲ ସହିତ ପାଇଲ ଫୁଟ୍ ବ୍ରିଜ ଓ ବକ୍ସ କଲଭର୍ଟ ନିର୍ମାଣ ପାଇଁ ବ୍ୟୟ ବରାଦ ରହିଛି। ୫ କୋଟି ୩୪ ଲକ୍ଷ ୭୮ ହଜାର ୭୮୨ ଟଙ୍କା ବ୍ୟୟରେ ଏହି କେନାଲ ପୁନରୁଦ୍ଧାର କରାଯାଉଛି। ୬ କେନାଲ ମଧ୍ୟରୁ ଏବେ ଘଡିଆମାଳ ଖୋଲା ଜୋରଠାରୁ ଦାରୁଓରା ଯାଏ କେନାଲ ଖନନ କରାଯାଉଛି। ଏହି କେନାଲର ଦାରୁଓରାଗାଁ ନିକଟରେ ଡବଲ ବକ୍ସ କଲଭର୍ଟ ନିର୍ମାଣ କରାଯାଉଛି। ବିଲ ଭିତରେ ଏହି ବକ୍ସ କଲଭର୍ଟ ନିର୍ମାଣ କରାଯାଉଥିବାରୁ ସେହି ସ୍ଥାନକୁ ସାଧାରଣଲୋକଙ୍କ ଯା'ଆସ ନାହିଁ। କାମ ନିମ୍ନମାନର ହେଉଥିବା ଖବର ପାଇଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଚାଷୀ ନିର୍ମଳ ପ୍ରଧାନ, ନୀଳମଣି ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପଙ୍କ ଉପରେ ବେସ ଢଳେଇ ପକାଯାଉଥିବା ଦେଖି କାମ ବନ୍ଦ କରାଇଥିଲେ । ବୁଧବାର ଅଧୀକ୍ଷଣ ଯନ୍ତ୍ରୀ ପହଞ୍ଚି ପାଇଲିଂ ପରେ ବାଲି ଫିଲିଂ, ମଡମ୍ୟାଟ ଓ ମେଟାଲିଂହେବା କଥା, ସେସବୁ ହୋଇନି। ୧୬ ଏମ୍‌ଏମ୍ ରଡରେ କାମକରିବାକୁ ଏଷ୍ଟିମେଟ୍ ଥିବାବେଳେ ୧୨ ଏମ୍‌ଏମ୍ ରଡ ବ୍ୟବହାର କରାଯାଇଥିବା ଦେଖି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

ବାଲିକୁଦା, ୧।୬(ସ୍ୱ.ପ୍ର.) : ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ବରମୁଣ୍ଡଳୀ ପଞ୍ଚାୟତ ଫୁଲବେଲାରୀ ଗାଁର ମାଗୁ ଖଣ୍ଡୁଆଳ(୫୫)ଙ୍କ ବୁଧବାର ଭୋରୁ ବଜ୍ରଘାତରେ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ, ମାଗୁ ନିଜ ଘରଠାରୁ ଏକ କିମି ଦୂରରେ ଥିବା ଚିଙ୍ଗୁଡି ଘେରି ପାଖରେ କରିଥିବା ଚାଳ ଘରେ ରାତିରେ ରହିଥିଲେ। ଘର ଭିତରେ ଭୋରୁ ଟର୍ଚ୍ଚ ଧରି ଚେୟାରରେ ବସିଥିବା ବେଳେ ବଜ୍ରାଘାତ ହୋଇଥିଲା। ଫଳରେ ଟର୍ଚ୍ଚଟି ଚାର୍ଜ ହୋଇ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ମାଗୁ ସେଠାରେ ଟଳି ପଡିଥିଲେ। ଏହି ଘେରି ଭିତରେ ମାଗୁଙ୍କ ଜଣେ କର୍ମଚାରୀଙ୍କ କିଛି କ୍ଷତି ହୋଇ ନ ଥିଲା। ମାଗୁ ତଳେ ପଡିଥିବା ଦେଖି କର୍ମଚାରୀ ଜଣକ ଅନ୍ୟମାନଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକ ପହଞ୍ଚି ମାଗୁଙ୍କୁ ଚିକିତ୍ସା ଲାଗି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପକ୍ଷରୁ ଏ ନେଇ (୫/୨୨) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ପାରାଦୀପ,୧।୬(ସ୍ୱ.ପ୍ର.): ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପିପିଏଲ ଛକ ପାଖରୁ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ବୁଧବାର ଗିରଫ କରାଯାଇଛି। ତାଙ୍କ ପାଖରୁ ୧ କେଜି ୨୭୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ବେପାରୀ ହେଲେ ରବୀନ୍ଦ୍ର ସାହୁ। ଏ ନେଇ ନଂ. ୨୦/୨୨ରେ ମାମଲା ରୁଜୁ ହୋଇଛି।

### ୨ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ମାମଲା

#### ବିଡିଓଙ୍କୁ ଅସଦ୍‌ବ୍ୟବହାର କରିବା ଘଟଣା

ବିରିଡି,୧।୬ (ଡି.ଏନ.ଏ.) : ବିରିଡି ବିଡିଓ ହେମନ୍ତ କୁମାର ମହାନ୍ତଙ୍କୁ ଅସଦ୍‌ବ୍ୟବହାର ଓ ଧମକ ଦେବା ଅଭିଯୋଗରେ ୨ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ମାମଲା ରୁଜୁ ହୋଇଛି। ଏ ନେଇ ବିରିଡି ଥାନାରେ ନଂ. ୯୭/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମେ ୨୬ ତାରିଖରେ ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ପାନୀୟ ଜଳ ସମସ୍ୟା ଉପରେ ଏକ ଆଲୋଚନା ହେଉଥିଲା। ଏହି ସମୟରେ ଖବରଦାତା ବସନ୍ତ ବେହେରା ଓ ବିଜୟ ରାଉତ ସମ୍ମିଳନୀ କକ୍ଷରେ ପ୍ରବେଶ କରି ଫଟୋ ଉଠାଇଥିଲେ। ଏହି ବୈଠକକୁ ବାହାର ଲୋକଙ୍କ ପ୍ରବେଶ ମନା ଥିବାରୁ ଏହି ଦୁଇଜଣଙ୍କୁ ଗୃହ ତ୍ୟାଗ କରି ଚାଲିଯିବା ପାଇଁ ବିଡିଓ ମହାନ୍ତ କହିଥିଲେ। ଏହାପରେ ଉଭୟେ ପାଟିତୁଣ୍ଡ କରିବା ସହ ବିଡିଓଙ୍କୁ ଧମକଚମକ ଦେବା ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଜଳାଶୟ ଶୁଖୁଛି, ବଢୁଛି ଜଳ ସଙ୍କଟ ସମସ୍ୟା

ଜଗତ୍‌ସିଂହପୁର ଅଫିସ, ୧।୬

ଚଳିତବର୍ଷ ମଧ୍ୟ ପ୍ରବଳ ଗ୍ରୀଷ୍ମ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ପ୍ରତିକାର ପାଇଁ ଚିନ୍ତା କରାଯାଉନାହିଁ। ଅର୍ଥାତ୍ ପ୍ରାକୃତିକ ମାଧ୍ୟମରେ ତାପମାତ୍ର କିପରି କମାଯାଇ ପାରିବ ସେ ଉପରେ ପଦକ୍ଷେପ ନିଆଯାଉନାହିଁ। ବ୍ୟାପକ ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଆଦି କରାଗଲେ ତାପମାତ୍ରା କମ୍ ଅନୁଭୂତ ହେବ ବୋଲି ପ୍ରତିବର୍ଷ ଦାବି ହୋଇଆସୁଛି। କିନ୍ତୁ ସମ୍ପ୍ରତି ଯାହା ଦେଖାଯାଉଛି ବନ ବିଭାଗ, ଶିଳ୍ପ ଆଦି ସଂସ୍ଥା ବୃକ୍ଷରୋପଣ କରୁଥିବା କହି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଆଳରେ ଆତ୍ମସାତ କରୁଛନ୍ତି। ବାସ୍ତବରେ ଉଦ୍ଦେଶ୍ୟ ସାଧନ ହୋଇପାରୁନାହିଁ। ବିଶେଷକରି ଜଳାଶୟଗୁଡିକର ପୁନରୁଦ୍ଧାର କରାଯାଉ ନ ଥିବାରୁ ସମସ୍ୟା ବଢିଯାଉଛି। ଜଗତ୍‌ସିଂହପୁର ସହରରେ ଥିବା ଜଳାଶୟଗୁଡିକ ମଧ୍ୟରୁ ଏକାଧିକ ଶୁଖି ପୋତି ହୋଇଗଲାଣି। ଯେଉଁ କାରଣରୁ ଗାଈ, ବଳଦ, ମଇଁଷି ଆଦି ପ୍ରାଣୀ ପ୍ରବଳ ଖରାରେ ଗାଧୋଇବା ସମ୍ଭବ ହେଉନି। ତାପମାତ୍ରା ମଧ୍ୟ ଅଧିକ ଅନୁଭୂତ ହେଉଛି। ଏ ପରିସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ବିସ୍ତୃତ ସମୀକ୍ଷା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

ଜଗତ୍‌ସିଂହପୁର ସହର ୱାର୍ଡ ନଂ. ୫ ଅନ୍ତର୍ଗତ ମାଧପୁରରେ ରାଧାମାଧବଜୀଉଙ୍କ ନାମରେ ଏକ ଜଳାଶୟ ରହିଛି। ଉକ୍ତ ୱାର୍ଡ ଅନ୍ତର୍ଗତ ଓହଳ ନୂଆବାଗ ଭୋଇସାହି ପାର୍ଶ୍ୱରେ ମଧ୍ୟ ରାଧାମାଧବଜୀଉଙ୍କ ନାମରେ ଆଉ ଏକ ଜଳାଶୟ ଅଛି। ଏହି ୨ ଜଳାଶୟର ପୁନରୁଦ୍ଧାର ହେଉନାହିଁ। ଦେଉଳୀ ଗ୍ରାମେଶ୍ୱର ରାଢିଆଣୀ ମନ୍ଦିର ନିକଟ ଜଳାଶୟ ଜମିର ଉପଯୁକ୍ତ ବ୍ୟବହାର ହୋଇପାରୁନାହିଁ। ଦେଉଳୀ ଗ୍ରାମେଶ୍ୱର ବାରିକ ସାହିରେ ଥିବା ଜଳାଶୟ ଆପାତତଃ ପୋତି ହୋଇଗଲାଣି। ୱାର୍ଡ ନଂ.୩ ଅନ୍ତର୍ଗତ ଗୋପାଳସାଗର ଗାଁ ଭିତରେ ଏକ ଜଳାଶୟ ରହିଛି। ଏହା ପାର୍ଶ୍ୱ କିଛି ଅଂଶ ଜବରଦଖଲ ହୋଇଛି। ୱାର୍ଡ ନଂ.୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ମଧ୍ୟ ପୋତି ହୋଇଗଲାଣି। କେବଳ ମାଛଗାଁ–କନ୍ଦରପୁର ରାସ୍ତାର ଗୋପାଳସାଗର ରାସ୍ତା ପାର୍ଶ୍ୱ ପାଖାପାଖି ୪୦ ଡେସିମିଲ ଜମିରେ ଥିବା ବଡ

### ଜବରଦଖଲ ଉଚ୍ଛେଦ ସାଙ୍ଗକୁ ପୁନରୁଦ୍ଧାର ଉପରେ ଗୁରୁତ୍ୱ



ପୋଖରୀ ଶୁଖିଲା ପଡିଛି।

ଜଳାଶୟଟି ଭଲ ସ୍ଥିତିରେ ରହିଛି। ଏହି ଜଳାଶୟଟି ଗୋପାଳଜୀଉଙ୍କ ନାମରେ ରହିଛି। ଏଥିରେ ପାଣି ଅଛି। କିନ୍ତୁ ଏହା ପୋତି ହୋଇ ଚାଲିଛି। ଏହାର ପୁନରୁଦ୍ଧାର ସହ ପାର୍ଶ୍ୱରେ ପ୍ରାଚୀର ଆଦି କରାଯିବାର ଆବଶ୍ୟକତା ରହିଛି। ଏହାବାଦ୍ ଏକାଧିକ ଜଳାଶୟ ରହିଛି ଯାହାର ପୁନରୁଦ୍ଧାର ନ ହୋଇ ପୋତି ହୋଇଗଲାଣି। ସିପି ମକୁନ୍ଦପୁରସ୍ଥିତ ବିଧେଇ ପୋଖରୀ ଜବରଦଖଲ ମୁକ୍ତ ହୋଇଥିଲେ ସୁଦ୍ଧା ଏହାର ପୁନରୁଦ୍ଧାର ହୋଇପାରିନାହିଁ। ଖେରସସ୍ଥିତ କନିୟର ପୋଖରୀରେ ପାଣି ନାହିଁ। ୧୮ ନଂ. ୱାର୍ଡ ବେହେରା ସାହି ପାଖ ପୋଖରୀ ଜନସାଧାରଣଙ୍କ ବହୁ କାମରେ ଲାଗେ। ଚାରିପଟେ ମଶାଣି ଅଛି। କୌଣସି ଲୋକଙ୍କ ମୃତ୍ୟୁ ହୋଇଗଲେ ଶୁଦ୍ଧିକ୍ରିୟା ଆଦି ସେଠାରେ ହୁଏ। ଏଥିସହ ଅନେକ କାମରେ ଆସେ। ଏଥିରୁ ପାଣି ଶୁଖିବା ଦ୍ୱାରା ଲୋକେ, ଗୃହପାଳିତ ପ୍ରାଣୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତଗୁଡିକରେ ମୋ ପୋଖରୀ ମାଧ୍ୟମରେ ଟଙ୍କା ଆସୁଛି। କିନ୍ତୁ ସହରରେ ଜଳଶୟ ପୁନରୁଦ୍ଧାର ପାଇଁ ସରକାର ନୀରବ ରହିବା ଅସନ୍ତୋଷର କାରଣ ହୋଇଛି। ଏହାବାଦ କେତେକ ବେସରକାରୀ ଜଳାଶୟରେ ଅଟ୍ଟାଳିକା ତିଆରି ହୋଇଗଲାଣି। ସହରାଞ୍ଚଳର ଛାପରେ ଜଳାଶୟଗୁଡିକର ସ୍ଥିତି ହଜିଯାଉଛି। କିନ୍ତୁ ଏବେ ଯେତୋଟି ଅଛି ତା'ର ପୁନରୁଦ୍ଧାର ନ ହେଲେ ଆଗକୁ ସହରରେ ଜଳ ସଙ୍କଟ ସମସ୍ୟା ଜଟିଳ ହେବା ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ଅତୀତରେ କେତୋଟି ଜଳାଶୟ ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେଥିମଧ୍ୟରୁ ୫ନଂ. ୱାର୍ଡ ଅନ୍ତର୍ଗତ ଲାଲା ସାହିସ୍ଥିତ ରାଧାମାଧବଜୀଉଙ୍କ ନାମରେ ଥିବା ଜଳାଶୟ ଅନ୍ୟତମ। ଏହି ଜଳାଶୟର ଦୈର୍ଘ୍ୟ ୬୫ମିଟର, ପ୍ରସ୍ଥ ୬୦ ମିଟର ଏବଂ ଗଭୀରତା ପାଖାପାଖି ୧୦ ଫୁଟ୍। ଏବେ ଏଥିରେ ପାଣି ଅଛି। ପୂର୍ବରୁ ଜଳାଶୟ ୨ ପାର୍ଶ୍ୱରେ ପ୍ୟାକିଂ ଏବଂ ଗୋଟିଏ ପାର୍ଶ୍ୱ ପ୍ରାଚୀର କରାଯାଇଥିଲା। ରାସ୍ତା ପଟୁ ୨ ପାର୍ଶ୍ୱରେ ପାହାଚ ହୋଇଥିଲା। ଅବଶିଷ୍ଟ କାମ ପାଇଁ ୯,୭୮,୦୦୦ ଟଙ୍କାର ଟେଣ୍ଡର କରାଯାଇଥିଲା। ଏଥିରେ ଅବଶିଷ୍ଟ ୨ ପାର୍ଶ୍ୱ ପ୍ୟାକିଂ ସହ ପ୍ରାଚୀର କରାଯିବା କଥା। ଏଥିସହ ଭବିଷ୍ୟତରେ ଲୋକଙ୍କ ମନୋରଞ୍ଜନକୁ ଦୃଷ୍ଟିରେ ରଖି ଜଳାଶୟରେ ବୋଟିଂ ସୁବିଧା କରାଯିବାକୁ ଚିନ୍ତା କରାଯାଇଥିଲା। କେବଳ ଏତିକି ନୁହେଁ ଏହା ଚାରିପଟେ ପାର୍କ, ଆଲୋକୀକରଣ ଆଦି ବ୍ୟବସ୍ଥା ହେବ ବୋଲି କୁହାଯାଇଥିଲା। କିନ୍ତୁ ଅନେକ କାମ ବାକି ରହିଯାଇଛି। ୮ନଂ. ୱାର୍ଡରେ ପାଖାପାଖି ଅଧ ଏକର ଜମିରେ ରାଢିଆଣୀ ମନ୍ଦିର ପାର୍ଶ୍ୱ ପୋଖରୀ ରହିଛି। କିନ୍ତୁ ଏହି ପୋଖରୀ ପରିସର କହିଲେ ୧୦/୧୨ ଗୁଣ୍ଠ ଜମି ହେବ। ଏହାର ପୁନରୁଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଦୀର୍ଘବର୍ଷ ଧରି ପଙ୍କ ଉଦ୍ଧାର କରାଯାଇ ନ ଥିବାରୁ ସଫା କରିବାରେ ଅସୁବିଧା ହେଉଥିବା କୁହାଯାଇଛି। ଅତୀତରେ ଉକ୍ତ ୱାର୍ଡରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାରୁ ପରିଷଦ ପକ୍ଷରୁ ଜଳାଶୟ ପୁନରୁଦ୍ଧାର ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। କିନ୍ତୁ ପରେ ସେଭଳି ହେଲାନାହିଁ। ଏଥିମଧ୍ୟରେ କୌଣସି ଗୋଟିଏ ହେଲେ ବି ପ୍ରକଳ୍ପ ଆବଶ୍ୟକ ମୁତାବକ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ପୌରାଞ୍ଚଳରେ ଥିବା ସରକାରୀ ପୋଖରୀ ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି। ଏସବୁ ଉପରେ ବ୍ୟାପକ ସମୀକ୍ଷା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ଆଦିତ୍ୟ ବାହିନୀ ଜିଲା ସାଙ୍ଗଠନିକ ବୈଠକ

ଜଗତ୍‌ସିଂହପୁର ଅଫିସ, ୧।୬:

### ଶାଖାର ବିସ୍ତାର, ସେବା ପ୍ରକଳ୍ପ ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର ବୀଣାପାଣି ମଣ୍ଡପ ପରିସରରେ ବୁଧବାର ଆଦିତ୍ୟ ବାହିନୀର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟେଣୀଗାଁ, ରାୟରପୁର, ଜଗତ୍‌ସିଂହପୁର ନଗର, ଏରସମା, ବନ୍ଦର ଆଦି ଶାଖାର ଶତାଧିକ ସଦସ୍ୟ ଉପସ୍ଥିତ ରହି ଶାଖାଗୁଡିକର ବିସ୍ତାର ଓ ସେବା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରାଜ୍ୟ ଆଦିତ୍ୟ ବାହିନୀ ମହାସଚିବ ଶୁଭେନ୍ଦୁ ସ୍ୱାଇଁ ଯୋଗଦେଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପରିକଳ୍ପନାର ହିନ୍ଦୁ ରାଷ୍ଟ୍ର ଓ ସେବା ପରାୟଣତାର ସମାଜ ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ବାହିନୀ କ୍ଷେତ୍ରୀୟ ସମ୍ପାଦକ ବାହୁବଳେନ୍ଦ୍ର ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲାର କ୍ଷେତ୍ରୀୟ ସମ୍ପାଦକ ଲିଙ୍ଗରାଜ ପତି, ମାନସ ରଞ୍ଜନ ସ୍ୱାଇଁ, ସମ୍ପର୍କ ସଚିବ ସୁରେଶ କୁମାର ଚୌଧୁରୀ, ଗୌରାଙ୍ଗ ଚରଣ ହୋତା, ପଞ୍ଚାନନ ପ୍ରଧାନ, ନଳିନୀକାନ୍ତ ଓଝା, ପବନି ପଲାଇ, ତିଲୋତ୍ତମା ଦାଶ, ସୁରୁପ୍ରସାଦ ସ୍ୱାଇଁ, ବିଷ୍ଣୁଚରଣ ସ୍ୱାଇଁ ଓ ଭବାନୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହି ମତ ବିନିମୟ କରିଥିଲେ।



ବୈଠକରେ ଆଦିତ୍ୟ ବାହିନୀର କର୍ମକର୍ତ୍ତାମାନେ।

### ହାଇୱା ଧକ୍କାରେ ମହିଳା ମୃତ

ନାଉଗାଁ, ୧।୬(ସ୍ୱ.ପ୍ର.) :

ନାଉଗାଁ ଥାନା ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ମହିଳାଙ୍କର ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ବେବିନା ବାରିକ। ଏ ନେଇ ବେବିନାଙ୍କ ଶ୍ୱଶୁର ଦିବାକର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ରୋହିଆ ପଞ୍ଚାୟତ ପୋହୋଳ ମୌଜାର ବେବିନା ସମ୍ପର୍କୀୟ ଜାପୁ ବାରିକଙ୍କ ସହ ଦୁଇ ପିଲାଙ୍କୁ ନେଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘରକୁ ଫେରୁଥିଲେ। ଏହି ସମୟରେ ରୋହିଆ ଆଡୁ ଏକ ହାଇୱା (ନଂ. ଓଡି ୦୫ ବିବି ୬୯୭୭) ଆସି ସାମ୍ନା ପଟୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବେବିନା ତଳେ ପଡିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ସେଠାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଂଗ୍ରାମ କେଶରୀ ମହାନ୍ତି ବେବିନାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱାଟି ଘଟଣାସ୍ଥଳରୁ ପଳାଇ ଯାଇଥିଲା। ବେବିନାଙ୍କ ପରିବାରକୁ କ୍ଷତିପୂରଣ ଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡାଙ୍କୁ ପଚାରିବାରେ ଥାନାରେ ନଂ.୧୧୯/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ ସହ ଡ୍ରାଇଭରଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ହାଇମାଷ୍ଟ ଲାଇଟ ଉଦ୍‌ଘାଟିତ



ଅଧ୍ୟକ୍ଷଙ୍କ ଦ୍ୱାରା ହାଇମାକ୍ସ ଲାଇଟ୍‌କୁ ଉଦ୍‌ଘାଟନ କରାଯାଉଛି।

କୁଜଙ୍ଗ,୧।୬(ଡି.ଏନ.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ କୁଜଙ୍ଗ ପଞ୍ଚାୟତ ଭଣ୍ଡୁଆ ଗାଁର ଜଗନ୍ନାଥ ମନ୍ଦିର ପରିସରରେ ଏକ ନୂତନ ହାଇମାଷ୍ଟ ଲାଇଟ ଲୋକାର୍ପିତ ହୋଇଯାଇଛି। ଏହାକୁ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ସରପଞ୍ଚ ବନ୍ଦିତା ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ଜଣାପଡିଛି। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ବ୍ୟୟ ଅଟକଳରେ ଏହି ହାଇମାକ୍ସ ଲାଇଟ ସ୍ଥାପିତ କରାଯାଇଥିବା ନେଇ ସରପଞ୍ଚ ବନ୍ଦିତା ଦାସ ପ୍ରକାଶ କରିଛନ୍ତି। ଜଗନ୍ନାଥ ମନ୍ଦିର ପରିସରରେ ହାଇମାକ୍ସ ଲାଇଟ ଲାଗିବା ଦ୍ୱାରା ମନ୍ଦିର ପରିସର ସମେତ ଭଣ୍ଡୁଆ – ସାହାରାଡିଆ ଘାଟକୁ ଆଲୋକିତ କରିବ। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଉକ୍ତ ଆଲୋକୀକରଣ ପାଇଁ ଭଣ୍ଡୁଆ ଗ୍ରାମର ମହିଳା ଗୋଷ୍ଠୀ ସରପଞ୍ଚ ବନ୍ଦିତା ଦାସଙ୍କୁ ଭେଟି ଅନୁରୋଧ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମାନସୀ ମହାପାତ୍ର, ଡାଳିମ୍ବ ଦାସ, ବିବେକନନ୍ଦ ଦାସ, ଅଭୟ ବାରିକ, ପୁରୁଷୋତ୍ତମ ଭୋଳ, ସମୀର ଦାସ, ତପନ ଦାସ, ସରୋଜ ଦାସ, ଅଭୟ ଦାସଙ୍କ ସମେତ ଭଣ୍ଡୁଆ ଗାଁର ଜଗନ୍ନାଥ ମହିଳା ଭକ୍ତ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ।

### ପ୍ରଶାନ୍ତଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ରାହାମା, ୧।୬(ଡି.ଏନ.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ହାତୀକେନା ଗାଁର ପ୍ରଶାନ୍ତ କୁମାର ସାହୁ (୪୭) କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ଡାକ୍ତରଖାନା ଧାଇଁ ଧାଇଁ ନୟାନ୍ତ ହୋଇପଡିଲେଣି। ପ୍ରଶାନ୍ତ ଜଣେ ଗରିବ ବ୍ୟକ୍ତି। ସେ ମୂଲ ମଜୁରି ଲାଗି ବୃଦ୍ଧ ମା' ବାପା, ସ୍ତ୍ରୀ ଓ ୨ ପୁଅଙ୍କୁ ମିଶାଇ ୬ ପ୍ରାଣୀ କୁଟୁମ୍ବଙ୍କୁ ପ୍ରତିପୋଷଣ କରନ୍ତି। ବର୍ତ୍ତମାନ କର୍କଟ ରୋଗରେ ପୀଡିତ ହୋଇ ପରିବାରର ଭରଣ ପୋଷଣ ତ ଦୂରର କଥା ନିଜର ଚିକିତ୍ସା ଲାଗି ଲକ୍ଷାଧିକ ଟଙ୍କା ଦରକାର ହେଉଥିବାରୁ ଚିନ୍ତାରେ ପଡିଛନ୍ତି। ସ୍ତ୍ରୀଙ୍କର ସମସ୍ତ ସୁନା ଗହଣା ବିକ୍ରି ହୋଇ ସାରିଥିଲେ ମଧ୍ୟ ଧାରକରଜ କରି ଅସହାୟ ହୋଇ ପଡିଲେଣି। ୨ ପୁଅଙ୍କର ପାଠ ପଢାରେ ଡୋରି ବନ୍ଧା ହେଲାଣି। ଏପରି ଅବସ୍ଥାରେ ତାଙ୍କ ଚିକିତ୍ସା ନିମନ୍ତେ ଅର୍ଥର ଆବଶ୍ୟକତା ରହିଛି। ତେଣୁ ବଦାନ୍ୟ ବ୍ୟକ୍ତିଙ୍କ ସହ ପ୍ରଶାସନ ପକ୍ଷରୁ ଯଦି ସାହାଯ୍ୟ ମିଳନ୍ତା ତାହାଲେ ତାଙ୍କ ଚିକିତ୍ସା ସାଙ୍ଗକୁ ପିଲା ପାଠ ପଢି ପାରନ୍ତେ ବୋଲି ସାମାଜିକ କର୍ମୀ ଡ. ସୁନାକର ବେହେରା ନିବେଦନ କରିଛନ୍ତି।



କର୍କଟ ରୋଗାକ୍ରାନ୍ତ ପ୍ରଶାନ୍ତ।

# ପାରାଦୀପ: ଘୋଷଣାରେ ଅଟକିଛି ବହୁ ପ୍ରକଳ୍ପ

ପାରାଦୀପ,୧।୬(ସ୍ୱ.ପ୍ର.)

ଓଡ଼ିଶାର ଅର୍ଥନୈତିକ ମୁଖଶାଳା କୁହାଯାଉଥିବା ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ନୂତନ ପ୍ରକଳ୍ପ କରିବେ ବୋଲି ଘୋଷଣା କରୁଛନ୍ତି। ଏହି ଧାରା ୨୦୦୮ରୁ ଏ ପର୍ଯ୍ୟନ୍ତ ଚାଲିଛି। ପରିତାପର ବିଷୟ ହେଲା, ଉକ୍ତ ଘୋଷଣା ମଧ୍ୟରୁ କେତେକ ପ୍ରକଳ୍ପ ବନ୍ଦ ହୋଇଥିବା ବେଳେ ଆଉ କେତେଗୋଟି ଅନିଶ୍ଚିତତା ମଧ୍ୟରେ ରହିଛି। ୨୦୦୮ରେ ରାଜ୍ୟ ସରକାର ଘୋଷଣା କରିଥିଲେ ପାରାଦୀପରେ ଏକ ଅତ୍ୟାଧୁନିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ହେବ। ବିଶ୍ୱବ୍ୟାଙ୍କର ୪୩.୭୦ କୋଟି ଟଙ୍କା ଅଟକଳରେ ଏହା କରାଯିବ ବୋଲି କୁହାଯାଇଥିଲା। ସେତେବେଳେ ବିଭାଗୀୟ ସଚିବଙ୍କଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀ ଏକାଧିକ ବାର ପାରାଦୀପ ଗସ୍ତ କରି ଜାଗା ଚିହ୍ନଟ କରିଥିଲେ। ଏହା ମଧ୍ୟରେ ୧୩ବର୍ଷ ବିତି ଯାଇଥିଲେ ବି ସେହି ପ୍ରକଳ୍ପ ହୋଇନାହିଁ। କେବଳ ୩ଟି ମୋ ଖତ (ଏମ୍‌ସିସି, ମ୍ୟୁନିସିପାଲଟି କମ୍ପୋଷ୍ଟ ସେଣ୍ଟର)ହୋଇଛି। ୨୦୧୨ରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍‌ଏସ୍‌ଏମ୍‌ଇ) ପକ୍ଷରୁ ଘୋଷଣା କରାଗଲା ପାରାଦୀପରେ ବିଶ୍ୱସ୍ତରୀୟ ଶୁଖୁଆ କ୍ଲଷ୍ଟର ହେବ। ଏଥିପାଇଁ ଏକାଧିକ ବାର ଗସ୍ତ ସମୀକ୍ଷା ବୈଠକ ଆଦି ହେଲା। ତାହା ଏ ପର୍ଯ୍ୟନ୍ତ ଶୀତଳଭଣ୍ଡାରରେ ରହିଛି। ୨୦୧୪ରେ ଏହି ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଘୋଷଣା କରାଗଲା ପାରାଦୀପରେ ଶତାଧିକ କ୍ଷୁଦ୍ର ଶିଳ୍ପ ହେବ। ଏଥିପାଇଁ ଏକ ଅଫିସ ମଧୁବନ ହାଉସିଂ ବୋର୍ଡଠାରେ ଖୋଲିଥିଲା। ୭ ଜଣ କର୍ମଚାରୀ ନିଯୁକ୍ତ ହେଲେ। ପ୍ରାୟ ୫ବର୍ଷ ଅଫିସ ଚାଲିବା ମଧ୍ୟରେ ଗୋଟିଏ ବି ଉଦ୍ୟୋଗୀ କରି ପାରି ନ ଥିଲା ଏହି ବିଭାଗ। ଶେଷରେ ୨୦୧୯ ମାର୍ଚ୍ଚରେ ଉକ୍ତ ଅଫିସ କଟକ ଜିଲାର ଚୌଦ୍ୱାରକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ପିଡିଏ (ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ)୨୦୧୨ ରେ ପାରାଦୀପଠାରୁ ରାହାମା ପର୍ଯ୍ୟନ୍ତ ୧୨୦ ରାଜସ୍ୱ ଗ୍ରାମକୁ ନେଇ ସ୍ୱତନ୍ତ୍ର ଅର୍ଥନୈତିକ କରିଡର ଘୋଷଣା କରିଥିଲେ। ଯାହାର ନାମ ଥିଲା ଭିଜନ ୨୦୩୦। ଅର୍ଥାତ ୨୦୩୦ ମସିହା ସୁଦ୍ଧା ପାରାଦୀପର ସ୍ୱତନ୍ତ୍ର ବଜାର, ଟାଉନସିପ, ବସ୍‌ଷ୍ଟାଣ୍ଡ, ବିମାନ ବନ୍ଦର, ରେଲୱେ ଷ୍ଟେଶନ ଆଦି ନକ୍ସାରେ କରାଯାଇଛି। କିନ୍ତୁ ସେହି ପ୍ରକଳ୍ପ ଏବେ ଶିଥିଳ ଅବସ୍ଥାରେ ଅଛି। ଖୋଦ୍ ପିଡିଏ ପୌରପାଳିକା ପ୍ରଶାସନିକ ଭବନରେ ଆଶ୍ରୟ ନେଇଛି। ନିଜର ୧୦ ଏକର ଜାଗାରେ ଅଫିସ କରି ପାରିନାହିଁ। ଏମିତି ରାଜ୍ୟ ସରକାରଙ୍କ ଘୋଷଣାରେ ଆହୁରି ଅନେକ ରହିଛି। ଇଡ୍‌କୋର ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ପର୍ଯ୍ୟଟନ ଆଦି ବିଭିନ୍ନ ସମୟରେ ଘୋଷଣା କରାଯାଇଛି।

କେନ୍ଦ୍ର ସରକାର ପାରାଦୀପ ବନ୍ଦର ଓ ତୈଳ ବିଶୋଧନାଗାର ପ୍ରକଳ୍ପକୁ ଆଖି ଆଗରେ ରଖି ଅନେକ ଯୋଜନା ଘୋଷଣା କରିଥିଲେ ଏବଂ ଏବେ ବି କରାଯାଉଛି। ସେଗୁଡିକ ମଧ୍ୟରେ, ୨୦୧୨/୧୩ ବର୍ଷରେ କୁହାଗଲା ପାରାଦୀପର




ବଗଦିଆଠାରେ ଏକ ଏଲଏନ୍‌ଜି ଟର୍ମିନାଲ ଓ ନିହାରୁଣୀଠାରେ ପ୍ଲାଷ୍ଟିକ ପାର୍କ ହେବ। ୨୦୧୪ରେ ଏନ୍‌ଡିଏ ସରକାର ଗଠନ ହେବା ପରେ ଏଲଏନ୍‌ଜି ଟର୍ମିନାଲ ଧାମରା ବନ୍ଦର ପାଖକୁ ସ୍ଥାନାନ୍ତର କରାଯାଇଥିଲା। ପ୍ଲାଷ୍ଟିକ ପାର୍କ ପାଇଁ ୨୦୧୫ରେ ଘୋଷଣା କରାଗଲା। ଏପରି କି କେତେକ କମ୍ପାନୀ କାମ ଆରମ୍ଭ କରିଥିଲେ। ଏବେସୁଦ୍ଧା ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ଅଞ୍ଚଳରେ ୩/୪ କମ୍ପାନୀ କେବଳ ଘର କରି ରହିଛନ୍ତି। ୨୦୧୩ରେ କୁହାଗଲା ପାରାଦୀପରେ ଏକ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ହେବ। ଉକ୍ତ ପ୍ରସଙ୍ଗ ୨୦୧୬ ପର୍ଯ୍ୟନ୍ତ ଏକାଧିକ ବାର ଘୋଷଣା ହେଲା। ୨୦୧୫ ଜୁଲାଇ ୧୦ରେ ତତ୍କାଳୀନ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ନିତୀନ ଗଡକରୀ ମଧ୍ୟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ କଥା ଘୋଷଣା କରିଥିଲେ। ଯାହା ଏ ପର୍ଯ୍ୟନ୍ତ ହୋଇନାହିଁ। ସେହିପରି ଭିନ୍ନ ଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଓ ସଚିବମାନେ ପାରାଦୀପ ଗସ୍ତ ବେଳେ ବଡ ବଡ ଘୋଷଣା କରି ଖବର ଶିରୋନାମା ମଣ୍ଡନ କରିଥାନ୍ତି। ଯେଉଁଥିରେ ରହିଛି ଅବଲୁଣୀକରଣ ପ୍ରକଳ୍ପ। ସମୁଦ୍ର ଲୁଣି ପାଣିକୁ ଶୋଧନ କରାଯାଇ ମଧୁର ଜଳ କରାଯିବ। ଫଳରେ ମଧୁରଜଳ ସମସ୍ୟା ରହିବ ନାହିଁ। ସେହି ପ୍ରକଳ୍ପ ଏବେ ପ୍ରାୟ ବନ୍ଦ କହିଲେ ଚଳେ। ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଟାଳିବା ପାଇଁ ୨୦୧୫ରେ ଘୋଷଣା ହୋଇଥିଲା ଫ୍ଲାଏଓଭର ହେବ। ଏ ପର୍ଯ୍ୟନ୍ତ ହୋଇନାହିଁ। ୨୦୧୩ରେ କୁହାଗଲା ଓଡ଼ିଶାର ସମସ୍ତ ଶିଳ୍ପ ପାରାଦୀପ ବନ୍ଦର ବାଟେ ପଣ୍ୟ କାରବାର କରିବେ। ଯାହା ଏ ପର୍ଯ୍ୟନ୍ତ ହୋଇନାହିଁ। ଅପରପକ୍ଷେ ପାରାଦୀପରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ୨୦୧୩ ରୁ ପାରାଦୀପ ବନ୍ଦରକୁ ଆଉ ପଣ୍ୟ ଆଣୁନାହିଁ। ୨୦୧୬ ଫେବୃୟାରୀ ୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରାଦୀପ ତୈଳ ବିଶୋଧନାଗାର ଲୋକାର୍ପଣ ବେଳେ କହିଥିଲେ ପାରାଦୀପ ପୂର୍ବ ଭାରତର ବିକାଶ ପଥ ହେବ। ଯାହା ଏ ପର୍ଯ୍ୟନ୍ତ ସାକାର ହୋଇନାହିଁ। ୨୦୧୫ରେ ଘୋଷଣା ହେଲା ପାରାଦୀପକୁ ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି। ଏ ପର୍ଯ୍ୟନ୍ତ ସ୍ମାର୍ଟ ପୋର୍ଟରେ କିଛି ଅଗ୍ରଗତି ହୋଇନାହିଁ କହିଲେ ଚଳେ। ବିଦ୍ୟୁତ୍ ସଙ୍କଟ ଭରଣା ପାଇଁ କୋଟିଏରୁ ଅଧିକ ଟଙ୍କା ବ୍ୟୟରେ କରାଯାଇଥିଲା ସୋଲାର ପ୍ରକଳ୍ପ। ତା ମଧ୍ୟ ଠିକ୍‌ରେ କାମରେ ଲାଗୁନି। ପାର୍କିଂ ସମସ୍ୟା ଟାଳିବା ପାଇଁ ୨୦୧୫ରେ ଘୋଷଣା ହେଲା ବିଶ୍ୱସ୍ତରୀୟ ଟର୍ମିନାଲ ଭୂତମୁଣ୍ଡାଇଠାରେ ହେବ। ଏ ପର୍ଯ୍ୟନ୍ତ ହୋଇନାହିଁ। ଡ୍ରେନେଜ ପାଣିକୁ ଶୋଧନ କରି ପୁନଃ ବ୍ୟବହାର କରିବାକୁ ୨୦୧୯ରୁ କରାଯାଇଛି ୩ଟି ଏସ୍‌ଟିପି(ସିୟୁ ୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ)। ଯାହା ଏ ପର୍ଯ୍ୟନ୍ତ ଠିକ୍ ଭାବେ କାମରେ ଲାଗୁନି। ଏମିତି ଅନେକ ତାଲିକା ରହିଛି। ଏହି ସମୟ ମଧ୍ୟରେ ଦୀପକ ଫର୍ଟିଲାଇଜର ପାଇଁ ଜମି ଅଧିଗ୍ରହଣ ସତ୍ତ୍ୱେ ତାହା ବନ୍ଦ ରହିଛି। ଏସାର ଷ୍ଟିଲ୍ କିଛି ବର୍ଷ ବନ୍ଦ ପରେ ବିକ୍ରି ହୋଇଛି। ବିୟର ଫ୍ୟାକ୍ଟ୍ରି ମଧ୍ୟ ୩ ବର୍ଷ ହେଲା ବନ୍ଦ ରହିଛି। ପୋସ୍କୋ କମ୍ପାନୀ ଫେରି ଯାଇଛି। ସେଠାରେ ଏବେ ଜେଏସ୍‌ଡବ୍ଲ୍ୟୁ କାରଖାନା କରିବ ବୋଲି ପ୍ରୟାସ ଆରମ୍ଭ କରିଛି। ପାରାଦୀପ ବନ୍ଦର ସମ୍ପର୍କିତ କେତେକ ନୂତନ ପ୍ରକଳ୍ପ ସମ୍ପର୍କରେ ଏକାଧିକ ବାର ଘୋଷଣା କରାଯାଇଛି। ଏପରିକି ଗୋଟିଏ ଲେଖା ପ୍ରକଳ୍ପକୁ ମନ୍ତ୍ରୀ ଓ ଅଧିକାରୀମାନେ ଏକାଧିକ ବାର ଲୋକାର୍ପଣ କରି ସାରିଲେଣି। ବର୍ଷକ ମଧ୍ୟରେ ଗତିଶକ୍ତି ଯୋଜନାରେ ହେବାକୁ ଥିବା ଫ୍ଲାଏଓଭର, କଣ୍ଟେନର ସ୍କାନର, ୱେଷ୍ଟର୍ଣ୍ଣ ଡକ୍ ସମ୍ପର୍କରେ ଭିନ୍ନ ଭିନ୍ନ ସମୟରେ ଘୋଷଣା କରାଯାଉଛି। ତାକୁ ସେତେବେଳେ ଗଣମାଧ୍ୟମ ମୁଖ୍ୟ ଖବର ଭାବେ ସ୍ଥାନିତ କରୁଛନ୍ତି।

## ସଂକ୍ଷେପରେ

### ନିଖୋଜ ନାବାଳିକା ଉଦ୍ଧାର

**ରସୁଲପୁର,୧।୬(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳରୁ ମେ' ୨୮ରେ ନିଖୋଜ ହୋଇ ଯାଇଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ନାବାଳିକାଙ୍କୁ ନିଖୋଜର ୪ଦିନ ପରେ କେନ୍ଦୁଝର ଅଞ୍ଚଳରୁ ଉଦ୍ଧାରକରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଉଦ୍ଧାର ନାବାଳିକାଙ୍କୁ କେହି ଅପହରଣ କରିନ ଥିଲେ ବରଂ ସେ ଘରୁ ରାଗି ପଳାଇ ଥିଲେ ବୋଲି ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ନଂ.୧୮୨/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଆହତ ବିରଳ ପେଚା ବନ ବିଭାଗକୁ ହସ୍ତାନ୍ତର



**ରସୁଲପୁର,୧।୬(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଫିସ ସମ୍ମୁଖରୁ ଉଦ୍ଧାର ହୋଇଥିବା ଏକ ଧଳାରଙ୍ଗର ଆହତ ବିରଳ ପେଚାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ପେଚାଟି ସୋମବାର ସନ୍ଧ୍ୟାରେ ୧୬ନଂ.ଜାତୀୟ ରାଜପଥ କଡ଼ରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପେଚା ଉଡ଼ନ୍ତା ଅବସ୍ଥାରେ ଗାଡ଼ି ସହ ଧକ୍କା ହୋଇ ତଳେ ପଡ଼ି ଯାଇଥିବା ଜଣାପଡ଼ିଥିଲା। ତେଣୁ ତାକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିବା ସକାଶେ ଲୋକେ ବିଡିଓ ଉମାକାନ୍ତ ପରିଡ଼ାଙ୍କ ସହାୟତା ନେଇଥିଲେ। ବିଡିଓଙ୍କ ନେତୃତ୍ୱରେ ଚଣ୍ଡିଖୋଲ ବନାଞ୍ଚଳ ଅଧୀନ ବନବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଆହତ ପେଚାଟିକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

### ବଙ୍ଗଳା ସିନେମାରେ ଓଡ଼ିଶାର ଗୁଲଜାର

**ବାଲିପାଟଣା,୧।୬(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ନିକଟ ସାହେବ ନଗରରେ ଜନ୍ମଗ୍ରହଣ କରିଥିବା ଶେଖ ଗୁଲଜାର ପଞ୍ଚସଖା ଶିଶୁ ଅନନ୍ତ ଦାସଙ୍କ ଉପରେ ପ୍ରାମାଣିକ ଚିତ୍ର କରି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ହୋଇପାରିଛନ୍ତି। ଏଥିପାଇଁ ତାଙ୍କ ଅଞ୍ଚଳ ଗର୍ବିତ ଥିବାବେଳେ ଏବେ ତାଙ୍କୁ ପୁଣି ଏକ ସଫଳତା ମିଳିଛି। ଶେଖ ଗୁଲଜାର୍ ହୁସେନ ଏବେ ବଙ୍ଗଳା ଚଳଚ୍ଚିତ୍ର ଜଗତରେ ପାଦ ଥାପିଛନ୍ତି। ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଥ୍''ରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଚଳଚ୍ଚିତ୍ରର ଶୁଟିଂ ନିକଟରେ ସରିଥିବା ବେଳେ ଏବେ ଡବିଂ ପ୍ରକ୍ରିୟା ଚାଲୁ ରହିଛି। ରେଡ୍ ଇନକ୍ରାନେଶନ ଓ ସୁନୀତା ମିଶ୍ରାଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ କ୍ୟାମେରା ପରିଚାଳନାରେ ଅଛନ୍ତି ମହେଶ ହାଜରା ଓ ଦୁର୍ଗା ପ୍ରସାଦ। ସଙ୍ଗୀତ- ପୀୟୁଷ ଚକ୍ରବର୍ତ୍ତୀ, ଗୀତ- ସୁମିତ ଆଚାର୍ଯ୍ୟ, ସ୍କ୍ରିପ୍ଟ ନ୍ୟାରେସନ - ଦେବଜୟ ବାନାର୍ଜୀ କରିଛନ୍ତି।

# ସୁରକ୍ଷା ଶୂନ, ଯୋଗାଯୋଗ ବିଚ୍ଛିନ୍ନ

**ଯାଜପୁର ଅଫିସ/ବରୀ(ଡି.ଏନ.ଏ.),୧।୬**

- ୪ଦିନ ହେଲା ଭୁଶୁଡ଼ିଲାଣି ପଣସୁଆପାଲ ବ୍ରିଜ
- ସ୍ୱାସ୍ଥ୍ୟସେବା ପାଇଁ ଚିନ୍ତାରେ ଅଞ୍ଚଳବାସୀ

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବା ପାଇଁ ବିଭିନ୍ନ ଯୋଜନାରେ ଛୋଟବଡ ବ୍ରିଜ ନିର୍ମାଣ ହେଉଛି। ଏଥିରେ ପୂର୍ତ୍ତ, ଜଳସେଚନ, ଡ୍ରେନେଜ ଓ ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ବିପୁଳ ଅର୍ଥ ବିନିଯୋଗ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଓ ଆନ୍ତରିକତାର ଅଭାବ ଯୋଗୁ ବ୍ରିଜ କାର୍ଯ୍ୟର ମାନ ନୈରାଶ୍ୟଜନକ ହେବା ସହ ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନ ଅଧୀନସ୍ଥ କେଲୁଅ ନଦୀର ଶାଖା ନାଳ ଉପରେ ପଣସୁଆପାଲ ନିକଟରେ ନିର୍ମିତ ଏକ ବ୍ରିଜ। ଗତ ୨୯ ତାରିଖ ପୂର୍ବାହ୍ନରେ ଏହି ବ୍ରିଜ ଭୁଶୁଡ଼ି ପଡିଥିବାବେଳେ ବିଭାଗୀୟ କୌଣସି ଅଧିକାରୀ ଏଯାଏ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇ ନାହାନ୍ତି କିମ୍ବା ବିହିତ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଥିଯୋଗୁ ଦୁର୍ଘଟଣା ଘଟିବା ବହୁ ସମ୍ଭାବନା ରହିଛି। ଯାହାକୁ ନେଇ ଏହି ବ୍ରିଜ ଉପରେ ନିର୍ଭରଶୀଳ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଜିଲାର ଗ୍ରାମାଞ୍ଚଳ ଅଧିବାସୀଙ୍କ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେଉଛି ସଡ଼କ ପଥ। ଏହି କ୍ରମରେ ନଦୀନାଳ ଭରା ଯାଜପୁର ଜିଲାର ଗମନାଗମନ କ୍ଷେତ୍ରକୁ ଅଧିକ ସୁଦୃଢ଼ ଏବଂ ସହଜ କରିବା ଲକ୍ଷ୍ୟରେ ଶତାଧିକ ବ୍ରିଜ ନିର୍ମାଣ କରାଯାଇଛି। ହେଲେ ଠିକାକାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାର ଯେ କୌଣସି ବ୍ରିଜ କାର୍ଯ୍ୟକୁ ଦେଖିଲେ ସ୍ୱାଭାବିକ ଭାବେ ଏହି ଯୋଜନାର ସଫଳତା ନିରୁପିତ କରି ହେବ। ବଡ଼ଚଣା ଓ ବରୀକୁ ସଂଯୋଗୀକରଣ କରୁଥିବା ନାଳ ଉପରେ ନିର୍ମିତ ବ୍ରିଜ ଧସି ପଡିବା ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏହି ବ୍ରିଜଟି ବଡ଼ଚଣା ବ୍ଲକ ଅଧୀନରେ ହୋଇଥିବାବେଳେ ଏହା ଉପରେ ରତ୍ନଗିରି ପଞ୍ଚାୟତ ସମେତ ଡିମିରିଆପାଳ ଏବଂ ବଡଚଣା ବ୍ଲକର ପଣସୁଆପାଳ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏହାସହ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରତ୍ନଗିରିକୁ ଯିବାକୁ ଏହି ରାସ୍ତାକୁ ପର୍ଯ୍ୟଟକମାନେ ସର୍ଟକଟ୍ ଭାବେ ବ୍ୟବହାର କରନ୍ତି। ବିଶେଷକରି ସଂପୃକ୍ତ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସେବା ନିମନ୍ତେ ରତ୍ନଗିରି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯିବା ପାଇଁ ଏହି ରାସ୍ତା ଏକମାତ୍ର ମାଧ୍ୟମ।



ଭୁଶୁଡ଼ି ପଡ଼ିଥିବା ପଣସୁଆପାଲ ବ୍ରିଜ୍।

ହେଲେ ଏହି ବ୍ରିଜ ଭୁଶୁଡିବା ଘଟଣାକୁ ୪ ଦିନ ଅତିକ୍ରାନ୍ତ ହୋଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ ନ କରିବା ଓ ମରାମତି ନିମନ୍ତେ କୌଣସି ଠୋସ ପଦକ୍ଷେପ ନ ନେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରତ୍ନଗିରି ପଞ୍ଚାୟତର ସାମାଜିକ କର୍ମୀ ଆର୍ତ୍ତ ମଲ୍ଲିକ କୁହନ୍ତି, ସରକାର ଗମନାଗମନକୁ ଗୁରୁତ୍ୱ ଦେଉଥିବାବେଳେ ବ୍ରିଜଟି ଭୁଶୁଡିବା କାରଣରୁ ସେମାନେ ଜମିର ଦଳ ପୋଖରୀ ଭିତରେ ପଶି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ବଜାରକୁ ଯିବା ଆସିବା କରିବାକୁ ବାଧ୍ୟ ହେଉଛୁ। ଗୁରୁତର ରୋଗୀଙ୍କ ପାଇଁ ଏହା କାଳ ହେବ ବୋଲି ସେ କହିଛନ୍ତି। ଅବସର ପ୍ରାପ୍ତ ଶିକ୍ଷକ ପିତାମ୍ବର ମଲ୍ଲିକ କୁହନ୍ତି, ବାରମ୍ବାର ଅଭିଯୋଗ ପରେ ବି କୌଣସି ରାଜନେତା କିମ୍ବା ବିଭାଗୀୟ ଅଧିକାରୀ ନ ଶୁଣିବାରୁ ନିମ୍ନମାନର କାର୍ଯ୍ୟ ହେବା ଯୋଗୁ ଏହି ସେତୁ ଭୁଶୁଡି ପଡିଛି। ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ବିକାଶର ନାରା ଦେଉଥିବାବେଳେ ଆମେ ବିକାଶଠୁ କେତେ ଦୂରରେ ରହିଛୁ ତାହା ଭାଙ୍ଗିଥିବା ସେତୁରୁ ସ୍ପଷ୍ଟ ଅନୁମେୟ। ରତ୍ନଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା କୁହନ୍ତି, ଦଳୀୟ ଭିତ୍ତିରେ ଠିକାଦାରମାନେ କାମ କଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜି ଦେଉଛନ୍ତି। ଯେତେ ଅଭିଯୋଗ କଲେ ବି ରାଜନୈତିକ ଚାପ ଯୋଗୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ମନମୁଖୀ କାମ ଚାଲିଛି।

ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡିଙ୍କୁ ପଚାରିବାରେ ସେ କହିଛନ୍ତି, ବିଜୁ ସେତୁ ଯୋଜନାରେ ଉକ୍ତ ବ୍ରିଜ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯିବ। ତେବେ ବର୍ତ୍ତମାନ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ରିଜର ଉଭୟ ପାର୍ଶ୍ୱରେ ମାଟି ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଧର୍ମଶାଳାର ୮ ସମବାୟ ସମିତି ପାଇଁ ୧୮୧ ପ୍ରାର୍ଥୀ

**ଧର୍ମଶାଳା,୧।୬(ଡି.ଏନ.ଏ.)**

ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ନିର୍ବାଚନ ଆସନ୍ତା ୧୯ରେ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲ ପ୍ରକ୍ରିୟା ଗତ ୩୦ ତାରିଖରେ ଶେଷ ହୋଇଛି। ଧର୍ମଶାଳା ବ୍ଲକ୍‌ର ମୋଟ୍ ୧୩ଟି ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ଟି ସମିତିର ନିର୍ବାଚନ ଅନୁଷ୍ଠିତ ହେବ। ଏହିକ୍ରମରେ ମୋଟ୍ ୧୮୧ ଜଣ ବିଭିନ୍ନ ଜୋନ୍ ପାଇଁ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ଅଭୟପୁର, ମହୀଶରା ଓ ମଧୁପୁରଗଡ଼ ଆଦି ୩ଟି ସମିତିରେ ଥିବା ୧୫ଟି ଲେଖାଏ ଜୋନ୍ ନିମନ୍ତେ ୧୫ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସେଠାରେ ଆଉ ନିର୍ବାଚନର ଆବଶ୍ୟକତା ନାହିଁ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ଦେଓଦା ସମିତିରେ ୩୪ ଜଣ, କଣ୍ଟିଗଡ଼ିଆ ସମିତିରେ ୩୨, ଅରେଇକଣା ସମିତିରେ ୨୨ ଜଣ, ଜେନାପୁର ସମିତିରେ ୨୩ ଓ ରେଖିଦେଇପୁର୍ ସମିତିରେ ୨୫ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଠାରେ ୨ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଅବଶିଷ୍ଟ ଚୋରମୁହାଁ, ଆରୁହା, କୋତପୁର, ମଧୁସୂଦନପୁର ଓ ମିର୍ଜାପୁର ଆଦି ୫ ସମିତିରେ ଆସନ୍ତା ୩ ତାରିଖରେ ନାମାଙ୍କନ ଦାଖଲ ହୋଇ ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ବର୍ତ୍ତଣ୍ଡା ସଂଘ କର୍ମକର୍ତ୍ତାଙ୍କ ବିରୋଧରେ ପାଲଟା ଅଭିଯୋଗ

**ଜିଲାପାଳଙ୍କୁ ଭେଟି ତଦନ୍ତ ଦାବି କଲେ ଏମ୍‌ବିକେ ଓ ସିଆର୍‌ପି**

**ଯାଜପୁର ଟାଉନ,୧।୬(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅଧୀନ ବର୍ତ୍ତଣ୍ଡା ମହାସଂଘର ସଭାପତି, ସମ୍ପାଦିକା ଓ ଅନ୍ୟ କର୍ମକର୍ତ୍ତା ଏମ୍‌ବିକେ ଏବଂ ସିଆର୍‌ପିଙ୍କ ବିରୋଧରେ ଗତ ଶୁକ୍ରବାର ବିଭିନ୍ନ ଅନିୟମିତତା ଅଭିଯୋଗ ଆଣିଥିଲେ। ଏହାପରେ ଏମ୍‌ବିକେ ଓ ସିଆର୍‌ପି ବୁଧବାର ଯାଜପୁର ଜିଲାପାଳଙ୍କ ନିକଟରେ ପାଲଟା ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବର୍ତ୍ତଣ୍ଡା ମହାସଂଘ ସଭାନେତ୍ରୀ ବନିତା ମଲ୍ଲିକ, ସମ୍ପାଦିକା ଅମିତା ବେହେରା ଓ ଅନ୍ୟମାନେ ମହାସଂଘ ଅନ୍ତର୍ଗତ ଏମ୍‌ବିକେ ଓ ସିଆର୍‌ପିଙ୍କ ବିରୋଧରେ ଅଭିଯୋଗ ଆଣିବା ସହିତ ଓଏଲ୍‌ଏମ୍‌ର ସୁକିନ୍ଦା ବ୍ଲକ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଜୀବିକା ମିଶନର ପ୍ରକଳ୍ପ ପ୍ରବନ୍ଧକଙ୍କୁ ଭେଟି ଅଭିଯୋଗ କରିଥିଲେ। ତେବେ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରକଳ୍ପ ପ୍ରବନ୍ଧକ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଗତ ୨୭ତାରିଖରେ ଜିଲାପାଳଙ୍କୁ ଭେଟି ଅଭିଯୋଗ ରଖିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତଦନ୍ତ କରିବାକୁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବାବେଳେ ସମ୍ପୃକ୍ତ ଏମ୍‌ବିକେ ଓ ସିଆର୍‌ପିମାନେ ଆସି ଜିଲାପାଳଙ୍କୁ ବର୍ତ୍ତଣ୍ଡା ମହାସଂଘର ସଭାପତି, ସମ୍ପାଦିକା ଓ ଅନ୍ୟମାନଙ୍କ ନାମରେ ଅଭିଯୋଗ ଆଣି ତଦନ୍ତ ଦାବି କରିବା ସହିତ ସେମାନଙ୍କୁ ଦାୟିତ୍ୱରେ ଅନ୍ତର କରିବା ପାଇଁ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ ଦେବାକୁ ଆସିଥିବା ଏମ୍‌ବିକେ ଓ ସିଆର୍‌ପିର କର୍ମକର୍ତ୍ତା।

ଏମ୍‌ବିକେ ସୁଶ୍ରୀ ସଂଗୀତା ରାଉତ, ସିଆର୍‌ପି ଭାରତୀ ମଲ୍ଲିକ, ସସ୍ମିତା ନାଟିଆ, ଜାନକୀ ସାହୁ, ଅପରାଜିତା ତରାଇ ଓ ଅବନ୍ତୀ ମଲ୍ଲିକ ପ୍ରମୁଖ କରିଥିବା ଅଭିଯୋଗ ଅନୁଯାୟୀ ମହାସଂଘର ସଭାପତି ଓ ଅନ୍ୟମାନେ ସେମାନଙ୍କ ବିରୋଧରେ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ ଆଣି ସମ୍ମାନହାନି କରିବା ସହିତ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଛନ୍ତି ବୋଲି କହିଛନ୍ତି। ସିଆର୍‌ପି ଓ ଏମ୍‌ବିକେଙ୍କୁ ଅଟକାଇ ଖାତାପତ୍ର ଛଡ଼ାଇ ନେଉଛନ୍ତି। ଅଫିସର ଓ କର୍ମଚାରୀମାନେ ଏମାନଙ୍କ ବ୍ୟବହାର ପାଇଁ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତେଣୁ ଏସବୁର ବିଧିବଦ୍ଧ ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏମ୍‌ବିକେ ଓ ସିଆରପିମାନେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ନକଲି ସୁପରଭାଇଜର ସାଜି ୨ ଯୁବକ ହଟହଟା

**ଝୁମ୍ପୁରୀ,୧।୬(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍‌ର ୨ ଯୁବକ ନକଲି ସୁପରଭାଇଜର ସାଜି ଏକ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଧରା ପଡ଼ିବା ପରେ ହଟହଟା ହୋଇଛନ୍ତି। ଏହି ଘଟଣା ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତବାକ, ବ୍ଲକ ଅଧୀନ ଥାଲକୁଡ଼ି ଗ୍ରାମର ଜଣେ ଯୁବକ ଏବଂ ମଙ୍ଗଳପୁର ମଠରେ ରହୁଥିବା ଅନ୍ୟଜଣେ ଯୁବକ ସୁସୁଆ ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଏହି ସମୟରେ ଶିକ୍ଷୟିତ୍ରୀ ବିଶେଷ କାମରେ ପଦାକୁ ଯାଇଥିଲେ। କେନ୍ଦ୍ରରେ ପାଚିକା ଥିବାବେଳେ ଦୁଇ ଯୁବକ ନିଜକୁ ସୁପରଭାଇଜର ବୋଲି ପରିଚୟ ଦେଇ ପାଚିକାଙ୍କୁ ଧମକାଇବା ସହ ଶିକ୍ଷୟିତ୍ରୀ କୁଆଡ଼େ ଯାଇଛନ୍ତି ବୋଲି ପଚାରିଥିଲେ। ପରେ ସେମାନେ କେନ୍ଦ୍ରର କାଗଜପତ୍ର ଓ ଭିଜିଟିଂ ବୁକ୍ ମାଗିଥିଲେ। ଏହି ସମୟରେ ପାଚିକା ଜଣକ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଥିବା ହୀରାପୁର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଯାଇ ଏ ବିଷୟରେ ଜଣାଇଥିଲେ। ପ୍ରଧାନଶିକ୍ଷକ ଆସି ଯୁବକଦ୍ୱୟଙ୍କ ଫଟୋ ଉଠାଇବା ସହ ସେମାନଙ୍କୁ ତମେ କିଏ ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ଟେଲିଫୋନ୍‌ରେ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜଣକ ଆମ ବିଭାଗରେ ପୁରୁଷ ସୁପରଭାଇଜର କେହି ନାହାନ୍ତି। ଏଣୁ ସେମାନଙ୍କୁ ଅଟକାଇ ରଖ ମୁଁ ପହଞ୍ଚୁଛି ବୋଲି କହିଥିଲେ। ଏହାପରେ ଯୁବକଦ୍ୱୟ ପ୍ରଧାନଶିକ୍ଷକଙ୍କ ହାବଭାବ ଜାଣିପାରି ପରିସ୍ରା ବାହାନାରେ ଚମ୍ପଟ ମାରିଥିଲେ।

## ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ, ଜଣେ ଗିରଫ



ଜବତ ହୋଇଥିବା ଗଞ୍ଜେଇ ଓ କାର୍।

**ଛତିଆ,୧।୬(ଡି.ଏନ୍.ଏ.)**

ରାଜ୍ୟରେ ଦିନକୁ ଦିନ ଚୋରା ଗଞ୍ଜେଇ କାରବାର ବୃଦ୍ଧି ପାଇବାର ଲାଗିଛି। ଏସବୁ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ବିଭିନ୍ନ କୌଶଳରେ ଚାଲାଣ କରାଯାଉଛି। ଏହାବ୍ୟତୀତ ଅନ୍ୟ ରାଜ୍ୟକୁ ମଧ୍ୟ ଚୋରା ଚାଲାଣ ହେଉଛି। ତେବେ ଏହି ସମୟରେ କେହି ପୋଲିସ ହାତରେ ଧରା ପଡୁଥିବା ବେଳେ ଅନେକ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ରାତିରେ ବଡ଼ଚଣା ବ୍ଲକ ଅଧୀନ ୧୬ ନଂ. ଜାତୀୟ ରାଜପଥର ଇଷ୍ଟର୍ନ ରାଇସ ମିଲ୍ ସମ୍ମୁଖରୁ ଗଞ୍ଜେଇ ଭର୍ତ୍ତି ଏକ ଗାଡ଼ି ଜବତ କରାଯାଇଛି। ଏଥିସହିତ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ରଞ୍ଜିତ ନାଥ ବୋଲି ଜଣାପଡ଼ିଛି।

ବୈରୀ ଥାନା ଓ ଛତିଆ ବିଟ୍ ହାଉସ ପୋଲିସ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଏକ କାର୍ ନଂ.ଓଆର୍-ଏମ୍‌ଏ-୩୯୩୯ ଛିଡ଼ା କକହୋଇଥିଲା। ପୋଲିସର ସନ୍ଦେହ ହେବାରୁ ଉକ୍ତ ଗାଡ଼ିରେ ଥିବା ଲୋକଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ଅନ୍ଧାର ସୁଯୋଗରେ ଜଣେ ଚମ୍ପଟ ମାରି ପଳାଇଥିଲା ଅନ୍ୟ ଜଣେ ପୋଲିସ ହାତରେ ଧରା ପଡ଼ିଥିଲେ। ଗାଡ଼ିରୁ ଏକ କୁଇଣ୍ଟାଲ ପାଞ୍ଚ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ବୌଦ୍ଧରୁ କଟକ ଜିଲା ଟାଙ୍ଗୀକୁ ଆସିଥିଲା। ପରେ ଟାଙ୍ଗୀରୁ କଲିକତା ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏସ୍‌ଡିପିଓ ଚିନ୍ମୟୀ ନାୟକ, ବୈରୀ ଥାନା ଅଧିକାରୀ ସଂଘମିତ୍ରା ନାୟକ, ଛତିଆ ବିଟ୍ ହାଉସ ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସମେତ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ପ୍ରମୁଖ ଉପସ୍ଥିତ ରହି ଅଧିକ ତଦନ୍ତ ଚଳାଇଛନ୍ତି।

## କାଠ କୋଇଲା ବୋଝେଇ ଗାଡ଼ି ଜବତ

**ଚଣ୍ଡିଖୋଲ,୧।୬(ଡି.ଏନ.ଏ.)**

ଚଣ୍ଡିଖୋଲ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବୁଧବାର କାଠକୋଇଲା ବୋଝେଇ ଏକ ଗାଡ଼ି ଜବତ କରାଯାଇଛି। କେନ୍ଦୁଝର ଅଞ୍ଚଳରୁ ଟାଟା ଏସିଇ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କାଠ କୋଇଲା ବୋଝେଇ କରି ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇଚଣ୍ଡିଖୋଲ ବନାଞ୍ଚଳ ଅଧିକାରୀ ଶଶୀକାନ୍ତ ବେହେରା ଟିମ୍ ସହିତ ଚଢ଼ାଉ କରି କୁଣ୍ଡପାଟଣା ଯାଉଥିବାବେଳେ ଏହାକୁ ଧରିଥିଲେ। ଗାଡ଼ି ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତି ସେଠାରୁ ଖସି ପଳାଇଥିଲେ। ଜଙ୍ଗଲରେ ବଡ଼ବଡ଼ କାଠ ଗଣ୍ଡିକୁ ପୋଡ଼ି ସେଥିରୁ ଯେଉଁ କାଠ କୋଇଲା ବାହାରେ ତାହାକୁ କଂସା ବାସନ ପ୍ରସ୍ତୁତି କରୁଥିବା ଶାଳକୁ ଯାଇଥାଏ। କୁଣ୍ଡପାଟଣାଠାରେ କଂସା ବାସନ ତିଆରି ହେଉଥିବା ହେତୁ ସେଠାକୁ ଏହି କାଠ କୋଇଲା ଯାଉଥିବା ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।



ଜବତ କାଠକୋଇଲା ବୋଝେଇ ଗାଡ଼ି

## ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବିକ୍ଷୋଭ ପ୍ରଦର୍ଶନ

**ଯାଜପୁର ଅଫିସ,୧।୬**

ପୁରୀ ଶ୍ରୀମନ୍ଦିର ସୁରକ୍ଷା ନିମନ୍ତେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବୁଧବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ନାମରେ ବେଆଇନ ଭାବେ କରୁଥିବା ଖନନ ଏବଂ ପରିକ୍ରମା ପ୍ରକଳ୍ପ ନିର୍ମାଣ କରିବା ପ୍ରତିବାଦରେ ଶତାଧିକ କର୍ମୀ ଗଣ ଧାରଣା ଦେଇଥିଲେ। ରାଜ୍ୟ ସରକାର ପ୍ରତ୍ନତତ୍ତ୍ୱ ବିଭାଗର ବିନା ଅନୁମତିରେ ଶ୍ରୀମନ୍ଦିରରେ ଅବୈଧ ଖନନ, ନିର୍ମାଣ କାର୍ଯ୍ୟ କରିବା, ଆଧ୍ୟାତ୍ମିକ ସ୍ଥଳୀକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା, ସୌନ୍ଦର୍ଯ୍ୟକରଣ ନାମରେ ଶତାଧିକ ବର୍ଷର ଐତିହ୍ୟ ସଂସ୍କୃତି ପରମ୍ପରାକୁ ନଷ୍ଟ କରୁଛନ୍ତି ବୋଲି ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତିବାଦ ସଭାରେ ଶ୍ରୀମନ୍ଦିର ସୁରକ୍ଷା ମଞ୍ଚର ସଂଯୋଜକ ଚକ୍ରଧର ମହାଳିକ, ସହ ସଂଯୋଜକ ପଦ୍ମନାଭ ମଲ୍ଲିକ, ଜିଲା ବଜରଙ୍ଗ ଦଳର ଜିଜ୍ଞାଶୁ ସାହୁ, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରୀତି ଚୌରାଶିଆ ପ୍ରମୁଖ ଯୋଗ ଦେଇଥିବାବେଳେ ବଜରଙ୍ଗଦଳର ପୂର୍ବତନ ରାଜ୍ୟ ସହ ସଂଯୋଜକ ସତ୍ୟଜିତ ଦାଶ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ବରିଷ୍ଠ ସ୍ୱୟଂ ସେବକ ପ୍ରଶନ୍ନ ବାରିକ, ତପନ କୁମାର ସାହୁ, ଭାଜପାର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ବାରିକ ଏବଂ ସନ୍ତୋଷ ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଧର୍ମଶାଳା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ**

**ଧର୍ମଶାଳା,୧।୬(ଡି.ଏନ.ଏ.)**

ଧର୍ମଶାଳା ପଞ୍ଚାୟତ ସମିତିର ପାନୀୟଜଳ ଓ ପରିମଳ ସମ୍ପର୍କିତ ସ୍ୱତନ୍ତ୍ର ଅଧିବେଶନ କଳ୍ପତରୁ ଦାସ ଷ୍ଟାଡିୟମସ୍ଥିତ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଥିରେ ସଭାପତିତ୍ୱ କରି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ସ୍ୱଚ୍ଛ ଭାରତ ମିଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୨ ସୁଦ୍ଧା ବ୍ଲକ୍‌ର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିବାରୁ ଡିସେମ୍ବର ୨୦୨୨ ସୁଦ୍ଧା ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା କାର୍ଯ୍ୟ ଶେଷ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟରେ ପଞ୍ଚାୟତ ସମିତି ସଦସ୍ୟା ଓ ସରପଞ୍ଚମାନେ ସହଯୋଗ କରିବାକୁ ଅଧ୍ୟକ୍ଷ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଥିବାବେଳେ ଅତିରିକ୍ତ ବିଡିଓ ଅସିତ କୁମାର ପାତ୍ର ସଭା ସଞ୍ଚାଳନ କରି ସ୍ୱଚ୍ଛ ଭାରତ ମିଶନ ସମ୍ପର୍କରେ ଆଲୋଚନା କରିଥିଲେ। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ମହାରଣା ସୂଚନା ଦେଇ କହିଥିଲେ, ୬୨ ହଜାର ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଯିବ। ଏଥିପାଇଁ ୮୮୬ କିଲୋମିଟର ପାଇପ୍ ବିଛାଯିବାର ଆବଶ୍ୟକତା ଥିବାବେଳେ ୫୭୪ କିଲୋମିଟର ପାଇପ୍ ବିଛାହୋଇ ସାରିଲାଣି। ଅବଶିଷ୍ଟ ଡିସେମ୍ବର ୨୨ ଶେଷ ସୁଦ୍ଧା ପାଇପ ବିଛା କାର୍ଯ୍ୟ ସରିବ। ବ୍ଲକ୍ ଅଧ୍ୟକ୍ଷଙ୍କ ଏକ ପ୍ରଶ୍ନର ଉତ୍ତରରେ ଯନ୍ତ୍ରୀ ମହାରଣା କହିଥିଲେ, ଉକ୍ତ ବ୍ଲକରେ ୧୮୬୪ଟି ନଳକୂପ ସଚଳ ଥିବା ବେଳେ ୧୭୯ଟି ଅଚଳ ନଳକୂପକୁ ସଚଳ କରିବା ନିମନ୍ତେ ଜିଲାପାଳଙ୍କ ଅନୁମୋଦନ ପାଇଁ ଖୁବ୍‌ଶୀଘ୍ର ପଠାଯିବ। ଏହାପରେ ସ୍ୱଚ୍ଛ ଭାରତ ମିଶନ ଓ ପରିବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସଂସ୍ଥାର ଅଧିକାରୀ ପୁରୁଷୋତ୍ତମ ରାଓ, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ଜାରକା ସରପଞ୍ଚ ସୁଦାମ ନାୟକ, ନେଉଳପୁର ସମିତିସଭ୍ୟ ନିରୁପମା ବାରିକ ଓ ଅନନ୍ତ ଚରଣ ତରାଇ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା ଓ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ମଞ୍ଚାସୀନ ଥିଲେ। ଶେଷରେ ଅତିରିକ୍ତ ବିଡିଓ ଅସିତ ପାତ୍ର ଧନ୍ୟବାଦ ଦେଇଥିଲେ।




ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ବିପୁଳ ପରିମାଣର ସାଇଜ ପଟା ଜବତ

ଦଶପଲ୍ଲା,୧।୬(ଡି.ଏନ.ଏ.):ଦଶପଲ୍ଲା ଜାମୁସାହି ଗ୍ରାମରେ ବନବିଭାଗ ତରଫରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ପଟା ଓ ସାଇଜକୁ ଜବତ କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ବନ ବିଭାଗ କର୍ମଚାରୀମାନେ ୭୫ ଖଣ୍ଡ ଶାଗୁଆନ ପଟା ଏଂ ୧୧୯ ଖଣ୍ଡ ଶାଳ ସାଇଜ କରିଥିଲେ । ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

### ନିରାପଦ ଋତୁସ୍ରାବ ଉପରେ ସଚେତନତା




ଭାପୁର,୧।୬ (ଡି.ଏନ.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବିଶ୍ୱ ନିରାପଦ ଋତୁସ୍ରାବ ଦିବସ ଓ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ନଟବର ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଡ.ପ୍ରଦୀପ କୁମାର ପାଇକରାୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ଛାତ୍ରୀମାନଙ୍କୁ ନିରାପଦ ଋତୁସ୍ରାବ ଉପରେ ବାର୍ତ୍ତା ଦେଇଥିଲେ । ସ୍ୱଳ୍ପ ବୟସ କିଶୋରୀ ଏବେ ଠାରୁ ସଚେତନ ହେଲେ କିପରି ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ସେହିପରି ପଦ୍ମାବତୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ନେଇ ତମାଖୁ ବର୍ଜନ ଦିବସ ଉପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଡ.ଫଣୀଭୂଷଣ ପଟ୍ଟନାୟକ ଓ ଫାର୍ମାସିଷ୍ଟ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ । ଶେଷରେ ଆଶା କର୍ମୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା।

### ଫତେଗଡ଼ରେ ରତ୍ନମୁଦ ଉତ୍ସବ



ଭାପୁର,୧।୬(ଡି.ଏନ.ଏ.): ଭାପୁର ବ୍ଲକ ଫତେଗଡ ଗ୍ରାମ ଶ୍ରୀରାମ ମନ୍ଦିରର ରତ୍ନ ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଦୁଇ ଦିନ ଧରି ଶ୍ରୀ ରାମ ସେବା ସମିତି ନେତୃତ୍ୱରେ ନବ ନିର୍ମିତ ଏହି ମନ୍ଦିରର ରତ୍ନମୁଦ ଉତ୍ସବରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ, ଭାପୁର ବ୍ଲକ ବିଡିଓ ଡ.ଜନ୍ମେଜୟ ସାହୁ, ବ୍ଲକ ଅତିରିକ୍ତ ବିଡିଓ ସରୋଜ କୁମାର ନାୟକ, ଖଣ୍ଡପଡା ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ, ବିଜୁ ଜନତାଦଳର ବରିଷ୍ଠ ସଂଗଠକ ସନାତନ ଗୋଛି ବ୍ଲକର ବହୁ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ସେହିପରି ଏହି କାର୍ଯ୍ୟ କ୍ରମଟି ଫତେଗଡ ଶ୍ରୀରାମ ସେବା ସମିତିର ଉପଦେଷ୍ଟା ତଥା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ଟାଙ୍ଗରା ଭୂମିରେ ପୋଖରୀ ଖନନ ନେଇ ବିବାଦ

ଖଣ୍ଡପଡ଼ା,୧।୬ (ସ୍ୱ.ପ୍ର.)



ଟାଙ୍ଗରା ଭୂଇଁରେ ଖୋଳାଯାଇଥିବା ପୋଖରୀ।

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁରବାସୀଙ୍କ ଆବଶ୍ୟକତାକୁ ନଜରରେ ରଖି ତଥା ଗ୍ରାମବାସୀଙ୍କ ଦାବି କ୍ରମେ ତତ୍କାଳୀନ ଉପଜିଲାପାଳ ଓ ତହସିଲଦାର ବିମାନ ଅବତରଣ ପଡିଆର କିଛି ଅଂଶରେ ଏକ ପୋଖରୀ ଖନନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଟାଙ୍ଗରା ଭୂମିରେ ପୋଖରୀ ଖନନ ପରେ ପୋଖରୀରେ ପାଣି ନ ରହିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଫଳରେ ଅନୁଦାନ ଅର୍ଥ ପାଣିରେ ପଡିଲା ବୋଲି ଆଲୋଚନା ହେଉଛି। ଗତ ୨ ବର୍ଷ ତଳେ ବ୍ଲକ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅନୁଦାନ ଅର୍ଥ କିଭଳି ପାଣିରେ ପଡିବା ସାର ହୋଇଛି ତାହା ଖଣ୍ଡପଡା ବ୍ଲକର ବନମାଳୀପୁର ପଞ୍ଚାୟତରେ ଦେଖିବାକୁ ମିଳିଛି ।

ସୂଚନା ଅନୁଯାୟୀ, ବନମାଳୀପୁର ବିମାନ ଅବତରଣ ପଡିଆର ଖାତା ନଂ.୧୮୧ ପ୍ଲଟ ନଂ. ୨୧୯ରେ ୨୨ଏକର ୪୪ ଡେସିମିଲ ଜମି ରହିଛି । ଏହାର କିଛି ଅଂଶରେ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ପୋଖରୀ ଖନନ କରାଯାଇଛି । ଟାଙ୍ଗରା ଭୂମିରେ ପୋଖରୀ ଖନନ ସହ ସିମେଣ୍ଟ ପାହାଚ ନିର୍ମାଣ କରାଯାଇଛି । ମାତ୍ର ଖନନ ହେବା ଦିନଠାରୁ ପୋଖରୀରେ ପାଣି ଟୋପେ ରହୁନାହିଁ । ଅପରପକ୍ଷେ ପୋଖରୀ ନିକଟରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପୋଖରୀର ଚତୁଃପାର୍ଶ୍ୱ ମଧ୍ୟ ଉଚ୍ଚପତନରେ ଅଛି । ଫଳରେ ବର୍ଷା ଦିନେ ପୋଖରୀକୁ ଜଳ ପ୍ରବାହିତ ନ ହୋଇ ନିମ୍ନ ଭାଗରେ ରହିଥିବା କାଚେରା ସାହି-ବାହାଡା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱକୁ ବହି ଯାଉଛି । ତେଣୁ ବର୍ଷାଦିନେ ବି ପାଣି ପୋଖରୀକୁ ପ୍ରବେଶ କରୁ ନ ଥିବାରୁ ଶୁଖିଲା ପଡିଛି । ୨ବର୍ଷ ତଳେ ଉକ୍ତ ସ୍ଥାନରେ ପୋଖରୀ ଖନନ ପାଇଁ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଟାଙ୍ଗରା ଭୂମିରେ ପୋଖରୀ ଖନନ ଯୋଜନା ଫେଲ ମାରିବ ବୋଲି ପ୍ରଥମରୁ ଜଣା ପଡିବା ପରେ ସ୍ଥାନୀୟ ବାସିନ୍ଦା ସେହି ସମୟରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ପ୍ରଶାସନିକ ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ ।

### ପାଣିରେ ପଡ଼ିଲା ସରକାରୀ ଅନୁଦାନ

# ଗ୍ୟାରେଜ ମାଲିକଙ୍କୁ ଆଜୀବନ କାରାଦଣ୍ଡ

ନୟାଗଡ଼ ଅଫିସ,୧।୬

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ଡିମିରିଝରୀ ଗାଁରେ ଜଣେ ଗ୍ୟାରେଜ୍ ମାଲିକଙ୍କୁ ଅନ୍ୟ ଜଣେ ଗ୍ୟାରେଜ୍ ମାଲିକ ବୋଲେରୋ ମଡ଼ାଇ ହତ୍ୟା କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ନୟାଗଡ଼ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତ ଗ୍ୟାରେଜ ମାଲିକ ଡିମିରିଝରୀ ଗାଁର ବ୍ରଜ କିଶୋର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଡିମିରିଝରୀ ଗାଁର ବ୍ରଜ କିଶୋର ସାହୁ ଓ ଜଗନ୍ନାଥ ପ୍ରଧାନଙ୍କ ମଧ୍ୟରେ ଗ୍ୟାରେଜକୁ ନେଇ ବିବାଦ ଥିଲା । ଏନେଇ ବିଭିନ୍ନ ସମୟରେ ମାରପିଟ୍ ଓ କଥା କଟାକଟି ଚାଲିଥିଲା । ୨୦୧୯ ଅଗଷ୍ଟ ୩ରେ ଜଗନ୍ନାଥ ଗ୍ୟାରେଜ ବନ୍ଦ କରି ଚାଲି ଚାଲି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଆସୁଥିବାବେଳେ ବ୍ରଜକିଶୋର ଏକ ବୋଲେରୋରେ ଆସି ତାଙ୍କୁ ଧକ୍କା ଦେଇଥିଲେ । ଜଗନ୍ନାଥ ରାସ୍ତା ଉପରେ ଛିଟିକି ପଡିଥିଲେ । ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ବ୍ରଜ କିଶୋର ଜଗନ୍ନାଥଙ୍କ ଉପରେ ବୋଲେରୋ ମଡ଼ାଇ ହତ୍ୟା କରିଥିଲେ । ଏହାକୁ ସେ ଦୁର୍ଘଟଣାର ରୂପ ଦେଇ ଖସି ଯିବାକୁ ବସିଥିଲେ । ହେଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଗନ୍ନାଥଙ୍କ ସ୍ତ୍ରୀ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ନୂଆଗାଁ ଥାନା ପୋଲିସ ଏକ ମାମଲା(ନଂ.୫୭/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବ୍ରଜଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। କିଛି ଦିନ ଜେଲରେ ରହିବା ପରେ ବ୍ରଜ ଜାମିନ ପାଇଥିଲେ । ରାୟ ପ୍ରକାଶ ପାଇବା ପରେ ବ୍ରଜ ଜେଲକୁ ଯାଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସନ୍ନ ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ ।

### ବୋଲେରୋ ମଡ଼ାଇ ହତ୍ୟା ମାମଲା

# ୨୨୧ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ନୂଆଗାଁ,୧।୬ (ଡି.ଏନ.ଏ.)




ଜଣେ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ବୁଧବାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୨୧ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ସେଥିମଧ୍ୟରୁ ବିଧବା ଭତ୍ତା ନିମନ୍ତେ ୪୬ ଜଣ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୨୩ ଜଣ, ଅବିବାହିତା ଭତ୍ତା ୩ ଜଣ, ସ୍ୱାମୀ ପରିତ୍ୟକ୍ତା ଭତ୍ତା ୩ ଜଣ, ଦିବ୍ୟାଙ୍ଗ ଭତ୍ତା ୪୫ ଜଣ, ତୃତୀୟ ଲିଙ୍ଗ ଭତ୍ତା ଜଣଙ୍କୁ ପ୍ରଦାନ କରାଯାଇଛି । ସମସ୍ତ ହିତାଧିକାରୀଙ୍କ ଜମା ଖାତାକୁ ଭତ୍ତା ଟଙ୍କା ପଠାଇବା ପାଇଁ ଚେଷ୍ଟା ଜାରି ରହିଛି। ହିତାଧିକାରୀମାନେ ନିଜ ନିଜର ଜମା ଖାତା ଆକାଉଣ୍ଟ ନମ୍ବର ଠିକ୍ ଭାବେ ଦେବା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁ ନିବେଦନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ଶାସମଲ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନଗେନ କୁମାର ସାହୁ ସହଯୋଗ କରିଥିଲେ ।

# କାର୍ଯ୍ୟକ୍ଷମ ହେଲା ଟେଲିଫୋନ ଏକ୍ସଚେଞ୍ଜ

ଖଣ୍ଡପଡ଼ା,୧।୬ (ସ୍ୱ.ପ୍ର.)

ଖଣ୍ଡପଡ଼ା ଟେଲିଫୋନ ଏକ୍ସଚେଞ୍ଜ ପାଇଁ ଉର୍ଦ୍ଦିଷ୍ଟ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଗତ ୧୨ ଦିନ ହେବ ପୋଡି ଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ଏନେଇ ଗତ ୨୪ ତାରିଖରେ 'ଟ୍ରାନ୍ସଫର୍ମର ପୋଡିଲା,ଟେଲିଫୋନ ଏକ୍ସଚେଞ୍ଜ ଅଚଳ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପରେ ବିଭାଗୀୟ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିସିଓଡିଏଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସେଠାରେ ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ପରେ ଖଣ୍ଡପଡ଼ା ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି । ଫଳରେ ଉପଭୋକ୍ତାମାନେ ସେବା ପାଉଥିବା କହିଛନ୍ତି ।

# କାଠ ଚୋରଙ୍କ ଟେର୍ ପାଇଲାନି ବନ ବିଭାଗ

ନୟାଗଡ଼ ଅଫିସ,୧।୬

ପଞ୍ଚିରିଡ଼ା ବନାଞ୍ଚଳ ଧୁସୁମା ଗ୍ରାମର ପୋଖରୀ ନିକଟରେ ଥିବା ଏକ ପରିତ୍ୟକ୍ତ ଖତଗଦାରୁ ପ୍ରାୟ ୧ ଲକ୍ଷ ଟଙ୍କାର ଶାଳ ଓ ଶାଗୁଆନ କାଠ, ପଟା ଜବତ କରିଛି ବନ ବିଭାଗ । କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ ଶ୍ୱେତାଲିନା ସାହୁଙ୍କ ନେତୃତ୍ୱରେ ଶରଣକୂଳ ବନ ବିଭାଗ କର୍ମଚାରୀମାନେ ମଙ୍ଗଳବାର ଅପରାହ୍ନରେ ଧୁସୁମା ଗ୍ରାମରେ ଚଢ଼ାଇ କରିଥିଲେ । ଖତଗଦାରୁ ୨ ଟି ଶାଳ ଗଣ୍ଡି, ୩ ଶାଗୁଆନ ଗଣ୍ଡି, ୩ ଟି ଶାଗୁଆନ ସାଇଜି,୩୩ ଖଣ୍ଡ ଶାଳ ସାଇଜି ଓ ୩୬ ଖଣ୍ଡ ଶାଗୁଆନ ପଟା ଜବତ କରିଛି । କୌଣସି ସୂତ୍ରରୁ ଖବର ପାଇ କାଠ ଚୋରମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

# ଚୋରି ଅଭିଯୋଗରେ ଜଣେ ଗିରଫ: ୪ ବାଇକ ଜବତ

ନୟାଗଡ଼ ଅଫିସ,୧।୬

ଇଟାମାଟି ଥାନା ପୋଲିସ ଜଣେ ବାଇକ୍ ଚୋରଙ୍କୁ ଗିରଫ କରିବା ସହ ତାଙ୍କ ସୂଚନା ଅନୁଯାୟୀ, ଓଡି୨୫ ଜେ ୯୨୧୩, ଓଡି୨୫ ଜି ୯୭୦୮, ଓଡି୨୫ ଏଫ ୩୪୬୮ ଓ ଓଡି୧୯ କେ ୩୯୦୯ ନଂ. ୪ଟି ଚୋରା ବାଇକ ଜବତ କରିଛି । ଗୁରୁବାର ଇଟାମାଟି ମୁସଲିମ ସାହି ନୁରିଦ୍ଦିନ ଖାନ(୩୩)ଙ୍କୁ ପୋଲିସ କୋର୍ଟ ଚାଲାଣ କରିବ । ନୁରିଦ୍ଦିନଙ୍କ ସୂଚନା ଅନୁସାରେ ଫତେଗଡରୁ ୪ଟି ବାଇକ ଜବତ ହୋଇଛି । ଏଥିରୁ ୨ଟି ବାଇକ ଇଟାମାଟିର ହୋଇଥିବାବେଳେ ଆଉ ଦୁଇଟି ଲଙ୍କାପୋଡି ଯାତ୍ରା ସମୟରେ ଚୋରି କରିଥିବା ଜଣାପଡିଛି । ସେହିପରି ନୁରିଦ୍ଦିନ ୨୦୨୦ରେ ଗଞ୍ଜେଇ ଜବତ କେଶରେ ବ୍ରହ୍ମପୁର ଜେଲରେ ଥିଲେ। ଜେଲରୁ ମେଡିକାଲ ଯାଇ କୋଭିଡ ସମୟରେ ଫେରାର ହୋଇ ଯାଇଥିଲେ।

# ପରୀକ୍ଷା ପର୍ବ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୧।୬

ନୟାଗଡ଼ ଜିଲା ସଦର ମହକୁମାରେ ଜୁନ ୧ରେ ପରୀକ୍ଷା ପର୍ବ ନାମକ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରୀକ୍ଷା ସମୟରେ ଶିକ୍ଷୟିତ୍ରୀ,ଶିକ୍ଷକ ଓ ପିତାମାତାଙ୍କ ମଧ୍ୟରେ ହେଉଥିବା ପରୀକ୍ଷା ଜନିତ ଭୟ, ଅବସାଦ ଏବଂ ଆତ୍ମହତ୍ୟା ଭଳି ବିଚାର ଉତ୍ପନ୍ନ ହେଉଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୟାଗଡ଼ରେ ଏହି ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏପରି ପରିସ୍ଥିତିକୁ କିପରି ଭାବେ ସାମ୍ନା କରିବେ ସେ ବିଷୟରେ ବିଚାର ବିମର୍ଶ ହୋଇଥିଲା ।

ସଚେତନତା ସମସ୍ତ ପରୀକ୍ଷାର୍ଥୀ, ସେମାନଙ୍କ ପିତାମାତା/ ଅଭିଭାବକ ଏବଂ ଶିକ୍ଷାଦାନ କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ରହିଛି । ଓଡିଶା ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ସମୟରେ ଆସୁଥିବା କଠିନତାକୁ କେଉଁ ଭଳି ଭାବେ ସାମ୍ନା କରିବେ ଏବଂ ୫-ଟି ମାଧ୍ୟମରେ ହେଉଥିବା ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ ମାଧ୍ୟମରେ ପିଲାମାନଙ୍କର ମଧ୍ୟ ରୂପାନ୍ତରୀକରଣ ହୋଇପାରିବ ବୋଲି ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ପୋମା ଟୁଡ଼ୁ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ପରୀକ୍ଷା ସମୟରେ ଚାପମୁକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ । ପିଲାମାନେ ମାର୍କ ପ୍ରତି ଅତ୍ୟଧିକ ଗୁରୁତ୍ୱ ନ ଦେଇ ଅଧ୍ୟବଶ୍ୟାୟ ଓ ଏକାଗ୍ରତ ସଫଳତାର ଚାବିକାଠି ବୋଲି ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆୟୋଗର ଅନ୍ୟତମ ସଦସ୍ୟ ସୁଶ୍ରୀ ଦିବ୍ୟା ଶାଶ୍ୱତୀ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ଉନିସେଫର କାର୍ଯ୍ୟକର୍ତ୍ତା ଧର୍ମାନନ୍ଦ ସୁନ୍ଦରାୟ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା ପ୍ରମୁଖ ଉପସ୍ଥିତ ରହି ଏକ ଚାପ ମୁକ୍ତ ପରିବେଶ ମଧ୍ୟରେ ଛାତ୍ରୀଛାତ୍ରଙ୍କର ବିକାଶ ସମ୍ଭବ ପର ବୋଲି ଦର୍ଶାଇ ଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଗୋକୁଳାନନ୍ଦ ଜୀଉଙ୍କ ବାର୍ଷିକୋତ୍ସବ



ଖଣ୍ଡପଡ଼ା,୧।୬ (ସ୍ୱ.ପ୍ର.)

ନୟାଗଡ଼ ଜିଲାର ଅନ୍ୟତମ ପର୍ଯ୍ୟଟନ ପୀଠ ଭାବେ ପରିଚିତ ସିଧାମୂଳାସ୍ଥ ମଧୁକର୍ଣ୍ଣିକା ପାହାଡରେ ବିରାଜିତ ଗୋକୁଳାନନ୍ଦ ଜୀଉଙ୍କ ବାର୍ଷିକ ଉତ୍ସବ ତଥା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୨୮ ବର୍ଷ ପୂର୍ତ୍ତିଉତ୍ସବ ପାରମ୍ପରିକ ରୀତିରେ ବୁଧବାର ପାଳିତ ହୋଇଯାଇଛି । ପ୍ରତିଦିନ ପରି ବୁଧବାର ସକାଳୁ ଦ୍ୱାର ଫିଟା ନୀତି ସଂପନ୍ନ ପରେ ମଙ୍ଗଳ ଆଳତୀ, ମଇଲମ, ରୋଷହୋମ, ମନ୍ଦିର ଶୋଧନ ଆଦି ନୀତି ସରିଥିଲା । ପରେ ଠାକୁରଙ୍କ ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଜୀଉଙ୍କୁ ଷୋଡଶ ଉପଚାରରେ ପୂଜା, ହୋମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହିଳା ମଣ୍ଡଳ ପକ୍ଷରୁ ନାମ ସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସ୍କାଉଟ୍ ଟ୍ରୁପ୍, ଗାଇଡ୍ କମ୍ପାନୀ ଉଦ୍‌ଘାଟିତ

ଦଶପଲ୍ଲା୧।୬ (ଡି.ଏନ୍.ଏ.)




ଯୋଗଦାନ କରିଥିବା ଅତିଥି।

ପୂର୍ବତନ ବିଧାୟକ ଏବଂ ଏମ୍‌ପି ରୁଦ୍ରମାଧବ ରାୟଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଦଶପଲ୍ଲା ହାଇସ୍କୁଲ ଠାରେ ରୁଦ୍ରମାଧବ ରାୟ ସ୍କାଉଟ୍ ଟ୍ରୁପ୍ ଓ ଶାନ୍ତିଲତା ରାୟ ଗାଇଡ୍ କମ୍ପାନୀ ମଙ୍ଗଳବାର ଦିନ ଉଦଘାଟିତ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ରୁଦ୍ରମାଧବ ରାୟଂକ ସୁପୁତ୍ର ବିଦିପ୍ତଚନ୍ଦ୍ର ରାୟ, ଏସ ଏମ ସି ସଭାପତି ନିରଂଜନ ବେହେରା, ମୋ ସ୍କୁଲ କମିଟିର ସଭାପତି ଦିଲ୍ଲୀପ କୁମାର ଦାଶ,କାଉନସିଲର ବୀଣାପାଣି ପାଣି, ତ୍ରିନାଥ ସାହୁ, ସଂଯୁକ୍ତା ଦାଶଗୁପ୍ତା, ପ୍ରମୁଖ ଯୋଗଦେଇଥିଲେ । ସ୍କୁଲର ଉନ୍ନତି କାର୍ଯ୍ୟ କରିବା ନିମନ୍ତେ ସ୍କାଉଟ ଓ ଗାଇଡ କମ୍ପାନୀ କୁ କିଛି ଅର୍ଥ ରାଶି ପ୍ରଦାନ କରିଛନ୍ତି। ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପ୍ରତି ସର୍ବଦା ଶ୍ରଦ୍ଧା ଓ ସମ୍ମାନ ଦେଇ ଆସିଥିବା ଜନପ୍ରିୟ ନେତା ସ୍ୱର୍ଗତ ରୁଦ୍ରମାଧବ ରାୟଂକ ସ୍ମୃତି ପ୍ରତି ଶ୍ରାଦ୍ଧ ଦିବସରେ ଏହା ସ୍ମରଣୀୟ ଶ୍ରଦ୍ଧାଞ୍ଜଳି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଏଭଳି ଏଭଳି ପ୍ରୟାସର ସଫଳତା ପାଇଁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ୧୧ କେଭି କରେଣ୍ଟରେ ବାରହା, କୁଟୁରା ଶିକାର

ଓଡ଼ଗାଁ, ୧।୬ (ସ୍ୱ.ପ୍ର.)

- ବିଦ୍ୟୁତ୍ ତାର, ୨ ବନ୍ୟପ୍ରାଣୀ ଜବତ
- ଖସିଗଲେ ଶିକାରୀ

ନୟାଗଡ଼ ବନଖଣ୍ଡ ତଥା ଓଡ଼ଗାଁ ବନାଞ୍ଚଳରେ କାଠ ବ୍ୟବସାୟୀଙ୍କ ସହିତ ବନ୍ୟ ପ୍ରାଣୀ ଶିକାରୀ ସକ୍ରିୟ ରହିଥିବା ନେଇ ଏକ ବିସ୍ତୃତ ବିବରଣୀ ଧରିତ୍ରୀରେ ପ୍ରକାଶ ପାଇବାର ୨୪ ଘଣ୍ଟା ନ ପୁରୁଣୁ ବାଣ୍ଡପୁର ଗ୍ରାମ୍ୟ ଜଙ୍ଗଲରେ ଦୁଇ ନିରୀହ ବନ୍ୟପ୍ରାଣୀ ଶିକାର ହେବା ଘଟଣା ଏହାକୁ ସ୍ପଷ୍ଟ କରିଛି ।

ବନାଞ୍ଚଳ ଅଧିକାରୀ ଆଶିଷ କୁମାର କଅଁର, ବନପାଳ ସନ୍ଧ୍ୟାରାଣୀ ନାୟକଙ୍କ ସହିତ ବନ ସୁରକ୍ଷା ବାହିନୀ ବନ୍ୟପ୍ରାଣୀ ଶିକାରୀଙ୍କୁ ଧରିବା ନିମନ୍ତେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଚ୍ଛା ସଂରକ୍ଷିତ ଅଞ୍ଚଳକୁ ପାଟ୍ରୋଲିଂରେ ଯାଉଥିଲେ । ବାଣ୍ଡପୁର ସଂରକ୍ଷିତ ଅଞ୍ଚଳରେ କେତେଜଣ ଲୋକ ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରିବାକୁ ଉଦ୍ୟମ କରୁଥିଲେ । ସେହି ଶିକାରୀମାନଙ୍କୁ କାବୁ କରିବାକୁ ଅଧିକାରୀମାନେ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ବନ କର୍ମଚାରୀ ଖୋଜାଖୋଜି କରିବା ପରେ କରେଣ୍ଟ ଲାଗି ଗୋଟିଏ ବାରାହା ଏବଂ ଗୋଟିଏ କୁଟୁରୁ ମରିପଡିଥିବା ଦେଖିବାକୁ ପାଇଥିଲେ । ଉଭୟ ମୃତ ବନ୍ୟପ୍ରାଣୀଙ୍କ ସହିତ ବନ ଅଧିକାରୀ ବିଦ୍ୟୁତ୍ ସଂଯୋଗ ହୋଇଥିବା ଜିଆଇ ତାର ଜବତ କରିଛନ୍ତି । ଶିକାରୀମାନେ ବିପଦଜନକ ସ୍ଥିତିରେ ୧୧ କେଭି ଜିଆଇ ତାର ଲଗାଇ ବନ୍ୟପ୍ରାଣୀ ଶିକାର କରିଥାଆନ୍ତି । ଏହି କାରଣୁ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଯାଇଥାଏ । ବନ ବିଭାଗ ଉଭୟ ମୃତ ବନ୍ୟପ୍ରାଣୀଙ୍କ ବନ୍ୟପ୍ରାଣୀ ଚିକିତ୍ସକ ଡ.ସୌରଭ ହୋତାଙ୍କ ଦ୍ୱାରା ବ୍ୟବଚ୍ଛେଦ କରିବାପରେ ପୋତି ଦେଇଛନ୍ତି । ମୃତ ଅଣ୍ଡିରା ବାରାହା ବୟସ ପ୍ରାୟ ୨ ବର୍ଷ ଓ କୁଟୁରା ବୟସ ୯ ମାସ ହେବ ବୋଲି ପ୍ରାଣୀ ଚିକିତ୍ସକ ହୋତା ପ୍ରକାଶ କରିଛି । ଏନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ ହେବା ସହିତ ଶିକାରୀମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।





ଜବତ ତାର, ମୃତ କୁଟୁରା ଓ ବାରହା।

# ପୁଣି କାର୍ଯ୍ୟକ୍ଷମ ହେଲା ନୂଆ ବସ୍‌ଷ୍ଟାଣ୍ଡ

- ଯାତ୍ରୀ ନ ଉଠାଇ ପରିକ୍ରମା କରି ଫେରୁଛି ବସ
- ବସ୍ ରହଣି ବନ୍ଦ ପାଇଁ ପୁରୁଣା ବସଷ୍ଟପରେ ବାଉଁଶ ବ୍ୟାରିକେଡ
- ପୁରୁଣା କୋର୍ଟ ସମ୍ମୁଖରେ ବସ ଅଟକି କରୁଛି ଟ୍ରାଫିକ ଜାମ୍

**ନୟାଗଡ଼ ଅଫିସ,୧।୬**

ନୟାଗଡ଼ ଜିଲା ଓ ପୌର ପ୍ରଶାସନର ଉଦ୍ୟମ କ୍ରମେ ବୁଧବାର ଅର୍ଥାତ୍ ଜୁନ ୧ରୁ ପୁରୁଣାସହରର ନୂଆ ବସଷ୍ଟାଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇଛି । ତେବେ ନୂଆ ବସଷ୍ଟାଣ୍ଡକୁ ବୁଧବାର ଅଧିକାଂଶ ବସ ଯାଇଥିବାବେଳେ କେତେକ ବସ ଯାଇ ନାହାନ୍ତି । ବସ୍ ଗୁଡିକ ନୂଆ ବସଷ୍ଟାଣ୍ଡରେ ଯାତ୍ରୀକୁ ଉଠାଉ ନାହାନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ ବସ ରହଣି କରୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେବା ଆରମ୍ଭ ହୋଇଛି । କେବଳ ନୂଆ ବସଷ୍ଟାଣ୍ଡ ପରିକ୍ରମା କରି ଫେରି ଯାଇ ପୁରୁଣା କୋର୍ଟ ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ବସ୍‌ଗୁଡ଼ିକ ଅଟକି ରହି ଟ୍ରାଫିକ ଜାମ କରୁଛନ୍ତି । ଅପରପକ୍ଷେ ଟ୍ରାଫିକ ଛକସ୍ଥିତ ବସ୍‌ଷ୍ଟପରେ ବସ୍ ରହଣିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ବାଉଁଶ ବାରିକେଟ କରାଯାଇଛି। ଏଣୁ ବସ୍‌ଗୁଡିକ ବସଷ୍ଟପ ଭିତରକୁ ଯାଇ ପାରୁ ନାହିଁ । ବୁଧବାରର ନୂଆବସଷ୍ଟାଣ୍ଡ କାର୍ଯ୍ୟକ୍ଷମକୁ ଅନୁଧ୍ୟାନ କଲେ ବାଧ ବାଧକତାରେ ବସ୍‌ଗୁଡିକ ନୂଆ ବସ୍‌ଷ୍ଟାଣ୍ଡ


ବସ୍‌ଷ୍ଟାଣ୍ଡରେ ବାଉଁଶ ବ୍ୟାରିକେଡ ବନ୍ଧାଯାଇଛି ।

ଯାଉଥିବା ଜଣାପଡିଛି । ଯଦି ବୁଧବର ପରିସ୍ଥିତି ସବୁ ଦିନ ରୁହେ ଖୁବ ସ୍ୱଳ୍ପ ଦିନରେ ପୁଣି ନୂଆ ବସଷ୍ଟାଣ୍ଡ ଅଚଳ ହୋଇ ଯିବ । ୨୨ବର୍ଷ ହେଲା ଯେପରି ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମର ଡ୍ରାମା ଚାଲିଛି ପୁଣି ଆଉ ଥରେ ହେବ। ପ୍ରକାଶଯେ ୧୯୯୨ରେ ନୂଆ ବସଷ୍ଟାଣ୍ଡ ଶୁଭ ଦିଆଯାଇଥିଲା । ବସଷ୍ଟାଣ୍ଡ ନିର୍ମାଣ ପରେ ବିଭିନ୍ନ ସମୟରେ ଏହା କାର୍ଯ୍ୟକ୍ଷମ କରାଯାଇଛି । ଶେଷଥର ୨୦୨୧ ଡିସେମ୍ବର ୨୨ରେ ୪,୪୨ କୋଟି ଟଙ୍କା ବ୍ୟୟରେ ନୂଆ ବସଷ୍ଟାଣ୍ଡ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା । ଏହା ପରେ ପୁରୁଣା ବସ୍‌ଷ୍ଟାଣ୍ଡରୁ ବସ ନୂଆ ବସଷ୍ଟାଣ୍ଡକୁ ଆସିଥିଲା। କିଛି ଦିନ ସବୁ ଠିକ୍‌ଠାକ୍ ଚାଲିଥିଲା । ହେଲେ କିଛି ଦିନ ପରେ ଆଉ ବସ ଯାଇ ନ ଥିଲା । ମଧୁସୂଦନ ମିଶ୍ର ନାମକ ଜଣେ ଯାତ୍ରୀ କୁହନ୍ତି, ଆମର ୩ଜଣ ସଦସ୍ୟ ନୂଆ ବସଷ୍ଟାଣ୍ଡରେ ଅଟକି ରହିଥିଲୁ ଭୁବନେଶ୍ୱର ଯିବା ପାଇଁ । ହେଲେ ବସ ରହଣି ନ କରିବାରୁ ପୁଣି ପୁରୁଣା ବସଷ୍ଟପକୁ ଆସି ବସରେ ଯିବାକୁ ପଡିଛି । ମୋ ପରି ବହୁ ଯାତ୍ରୀ ନୂଆ ବସଷ୍ଟାଣ୍ଡରେ ଅଟକି ରହି ବୁଧବାର ହଇରାଣ ହୋଇଛନ୍ତି ବୋଲି ସେ କହିଛନ୍ତି।

**ଆରଟିଓଙ୍କର ଦେଖା ନାହିଁ :** ନୂଆ ବସଷ୍ଟାଣ୍ଡ ବୁଧବାର କାର୍ଯ୍ୟକ୍ଷମ ହୋଇଥିବାବେଳେ ଗତ ବୈଠକର ନିଷ୍ପତି ଅନୁସାରେ ନୟାଗଡ ଆରଟିଓଙ୍କର ଦେଖା ନାହିଁ । ନୟାଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସହଯୋଗ ନ ଥିବାରୁ ବସ କର୍ମଚାରୀ ମନମାନି କରୁଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ନୂଆ ବସଷ୍ଟାଣ୍ଡରେ ୩ଟି ଦୋକାନ ଖୋଲିଥିଲା । ହେଲେ ବସ ରହଣି ହୋଇ ନ ଥିବାରୁ ଦୋକାନର କାରବାର ହୋଇ ନ ଥିଲା । ବସ ଗୁଡିକ ଅଟକି ରହିଲେ ଦୋକାନ କାରବାର ବଢ଼ିବ ବୋଲି ବ୍ୟବସାୟୀମାନେ କହିଛନ୍ତି । ପୁଣି ଅନ୍ୟ ଦୋକାନଗୁଡିକ ଶୀଘ୍ର ଖୋଲି ପାରନ୍ତା ବୋଲି କହିଥିଲେ । ନୟାଗଡ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ କୁହନ୍ତି, ନୂଆ ବସଷ୍ଟାଣ୍ଡର ସବୁ ଦୋକାନ ଗୁଡିକ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି । ପୁଣି ସବୁ ବସ ନୂଆ ବସଷ୍ଟାଣ୍ଡକୁ ଯିବା ପାଇଁ ପ୍ରଚେଷ୍ଟା ହେଉଛି । ନୂଆ ବସଷ୍ଟାଣ୍ଡ ଏଥର ଯେପରି ସବୁ ଦିନ ପାଇଁ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ମନ୍ତ୍ରୀ ଅରୁଣ ସାହୁ ମଧ୍ୟ ନୂଆବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ଗୁରୁତ୍ୱ ଦେଉଛନ୍ତି । ପ୍ରଥମ ଦିବସରେ ହୋଇଥିବା ଅସୁବିଧା ପରେ ଦୂର ହୋଇଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ପ୍ରାକ୍ତନ ଉପନଗରପାଳଙ୍କ ପରଲୋକ



ବୁଗୁଡ଼ା,୧।୬(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସିର ପୂର୍ବତନ ଉପନଗରପାଳ ତଥା ବରିଷ୍ଠ ଭାଜପା ନେତା ଇଂ.ସୁବ୍ରତ କୁମାର ପଟ୍ଟନାୟକ(୫୭)ଙ୍କ ବୁଧବାର ପରଲୋକ ଘଟିଛି। ସକାଳେ ସେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଭୁବନେଶ୍ୱରକୁ ଯାଉଥିବା ବେଳେ ବୁଢ଼ାଆମ୍ବଠାରେ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କୋଦଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ମର ଶରୀର ସ୍ଥାନୀୟ ଅରବିନ୍ଦ ନଗରସ୍ଥିତ ବାସଭବନରେ ପହଞ୍ଚିବା ପରେ ଅନ୍ତିମ ଦର୍ଶନ ପାଇଁ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ସୁଧାଂଶୁ ଶେଖର ପାଢ଼ୀ, ଘୁମୁସର ଜିଲା ଭାଜପା ସଭାପତି ଗୋକୁଳା ନନ୍ଦ ମଲିକ, ଉପସଭାପତି ପ୍ରଭାକର ପଣ୍ଡା, ନଗର ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନଙ୍କ ସମେତ ବିଭିନ୍ନ ଦଳର କର୍ମକର୍ତ୍ତା, ଏନ୍‌ଏସି କର୍ମଚାରୀ ବୃନ୍ଦ ପ୍ରମୁଖ ସେଠାରେ ପହଞ୍ଚି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ଜଣେ ଦକ୍ଷ, ବଳିଷ୍ଠ ସଂଗଠକ, ଲୋକପ୍ରିୟ ଜନନେତା ରୂପେ ସାଧାରଣରେ ଆଦୃତ ଥିଲେ। ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁ ସ୍ଥାନୀୟ ଏନ୍‌ଏସିରେ ୨୦୧୩ରୁ ୨୦୧୮ ଯାଏ ପରିଷଦ ଗଠନ କରି ନଗରପାଳ ଓ ଉପନଗରପାଳ ପଦବୀ ହାତେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇ ପୁଅ, ଆତ୍ମିୟ ସ୍ୱଜନ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ତାର ପୋଡି ବୃଦ୍ଧି ପାଉଛି

ଭଞ୍ଜନଗର, ୧।୬(ଡି.ଏନ.ଏ)-ଭଞ୍ଜନଗର ଅଞ୍ଚଳରେ ବିଗତ କିଛି ଦିନ ହେବ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ନିକଟରେ ହିଁ ବିଦ୍ୟୁତ ତାର ପୋଡି ବୃଦ୍ଧି ପାଉଛି। ବୁଧବାର ରାତି ପ୍ରାୟ ସାଢେ ୭ ଟାରେ ମୁଁପାଗଡ଼ ଗ୍ରାମ ବଡଦାଣ୍ଡରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ମଧ ଓହଳି ରହିଥିବା ୧୧ କେଭି ତାରରେ ନିଆଁ ଲାଗି ଯାଇଥିଲା। ଏହା ପରେ ତା'ର କିଛି ଅଂଶ ଛିଣ୍ଡି ଯାଇଥିଲା। ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ବିଦ୍ୟୁତ୍ ସେବା ବ୍ୟାହତ ଥିବା ବେଳେ ବିଭାଗ କର୍ମଚାରୀ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ବିଦ୍ୟୁତ୍ ଖୁଣ୍ଟରେ ତାର ଗୁଡିକ ଏଣେତେଣେ ଅସୁରକ୍ଷିତ ଭାବେ ରହୁଥିବା ବେଳେ ତାରରେ କେଉଁଭଳି ପରିସ୍ଥିତିରେ ନିଆଁ ଲାଗିଯାଉଛି । କିଛିଦିନ ପୂର୍ବେ ଭଞ୍ଜନଗର ଏନ୍‌ଏସି ୱାର୍ଡ ନଂ୪ରେ ଏକ ଖୁଣ୍ଟରେ ନିଆଁ ଲାଗିଯାଇଥିଲା।

### ଜଙ୍ଗଲ ଜମି ପଟ୍ଟା ବଣ୍ଟନ

କାଶୀନଗର,୧।୬-କାଶୀନଗର ତହସିଲ ଅନ୍ତର୍ଗତ ସିଆଳି ରାଜସ୍ୱ ସର୍କଲ ତରଫରୁ ସିଆଳି ଗ୍ରାମଠାରେ ୫୭ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ସ୍ଥାନୀୟ କାଶୀନଗର ତହସିଲଦାର ଲରିମାନ ଖର୍ସେଲଙ୍କ ଦ୍ୱାରା ହିତାଧିକାରୀଙ୍କୁ ଏହି ପଟ୍ଟା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ସସ୍ମିତା ଦାଶ, ରାଜସ୍ୱ ପରିଦର୍ଶକ ଆନନ୍ଦ ପ୍ରଧାନ ଓ ସ୍ଥାନୀୟ ପଞ୍ଚାୟତ ସଭ୍ୟ ଉପସ୍ଥିତ ଥିଲେ।

# ଦଶପଲ୍ଲାରେ ଡ୍ରାଇଭର ମହାସଂଘର ସମାବେଶ

**ଦଶପଲ୍ଲା,୧।୬(ଡି.ଏନ.ଏ.)**

ଓଡିଶା ଡ୍ରାଇଭର ମହାସଂଘର ଦଶପଲ୍ଲା ସଂଘ ତରଫରୁ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ୍ରାଇଭର ମହାସଂଘର ସଦସ୍ୟମାନେ ମହାବୀର ମନ୍ଦିରଠାରେଏକତ୍ରିତ ହୋଇ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗରପରିକ୍ରମା କରି ତ୍ରିନାଥ ବଜାର ପଡିଆ ଠାରେ ପହଞ୍ଚିଥିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ସଂଘର ଦଶପଲ୍ଲା ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ କମିଟି କର୍ମକର୍ତ୍ତା ପ୍ରଶାନ୍ତ ମେଣ୍ଟୁଲି, ସୁମନ ଆଲତିଆ, ଘନଶ୍ୟାମ ବେହେରା, ଚୈତନ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

ଦଶପଲ୍ଲା ବ୍ଲକ ସଂଘ ସମ୍ପାଦକ ଛବିନ୍ଦ୍ର କୁମାର ପ୍ରଧାନ ସଂଘର କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଉପସଭାପତି ତ୍ରିଲୋଚନ ନାୟକ, କୋଷାଧ୍ୟକ୍ଷ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମହାସଂଘର ୧୧ଦଫା ଦାବୀ ପୂରଣ ନେଇ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ନିମନ୍ତେ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି । ପୂର୍ବାହ୍ନରେ ସଂଘ ପକ୍ଷରୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।


ସମାବେଶରେ ଯୋଗ ଦେଇଥିବା ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

# ଫେରିବ ଆତ୍ମସାତ୍ ୫୯ ଲକ୍ଷ ସରକାରୀ ଅର୍ଥ

## ଅଡିଟିରେ ଧରାପଡିଲେ ପୂର୍ବତନ ଆକାଉଣ୍ଟାଣ୍ଟ ଓ ବିପିଏମ୍

**ନୟାଗଡ଼ ଅଫିସ,୧।୬**

ସରକାରୀ ଅର୍ଥ ପ୍ରାୟ ୫୯ ଲକ୍ଷ ଆତ୍ମସାତ୍ ଅଭିଯୋଗରେ ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ଗୋଷ୍ଠୀ ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଆକାଉଣ୍ଟାଣ୍ଟ ମ୍ୟାନେଜର(ଏକ୍ସ ବାମ) ପ୍ରଭା ରଞ୍ଜନ ଦାଶ ଓ ଭାପୁର ବ୍ଲକ ପ୍ରୋଗାମ ମ୍ୟାନେଜର(ବିପିଏମ୍) ଅସୀମ କୁମାର ମହାନ୍ତି ଅଡିଟ୍‌ରେ ଧରା ପଡିଛନ୍ତି । ପ୍ରଭା ରଞ୍ଜନଙ୍କ ଠାରୁ ୪୩ ଲକ୍ଷ ୮୯ ହଜାର ୫୬୦ ଟଙ୍କା ୫୦ ପଇସା ଓ ଅସୀମଙ୍କଠାରୁ ୧୫ ଲକ୍ଷ ୦୬ ହଜାର ୬୦୬ଟଙ୍କା ଜୁନ ୨୨ ସୁଦ୍ଧା ରିକୋଭୋରି କରିବାକୁ ସିଡିଏମ୍‌ଓ ମକରନ୍ଦ ବେଉରା ପତ୍ର ସଂଖ୍ୟା ୧୨୯୮/୧୩୦୫ରେ ତା ୩୧।୦୫।୨୦୨୨ରେ ଚିଠି କରିଛନ୍ତି । ମିଶନ ଡାଇରେକ୍ଟର ଯୁଗ୍ମ ତଦନ୍ତ କମିଟି ପକ୍ଷରୁ ହୋଇଥିବା ଅଡିଟ୍‌ରେ ୨୦୧୨-୧୩ ଠାରୁ ୨୦୧୭-୧୮ ମଧ୍ୟରେ ଏହି ଅନିୟମିତତା ହୋଇଥିବା ଜଣାପଡିଛି । ଉଭୟ ଦଶପଲ୍ଲାରେ କାମ କରୁଥିବାବେଳେ ଏହି ଅନିୟମିତତା କରିଥିଲେ । ପ୍ରଭା ଚାକିରି ଛାଡି ଦେଇଥିବାବେଳେ ଅସୀମ ଭାପୁର ବ୍ଲକ ପ୍ରୋଗାମ ମ୍ୟାନେଜର ଭାବେ କାମ କରୁଛନ୍ତି ।

# ପୋଲିସ ଜନସମ୍ପର୍କ ଶିବିର


ଏସ୍‌ଡିପିଓ ଜଣେ ବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରୁଛନ୍ତି ।

**ଫୁଲବାଣୀ ଅଫିସ,୧।୬**

ଗୋଛାପଡା ଥାନା ପୋଲିସ ପକ୍ଷରୁ ସଲାଗୁଡ଼ାଠାରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମାଞ୍ଚଳର ଲୋକଙ୍କୁ ପୋଲିସ ସହ କିପରି ସମ୍ପର୍କ ରଖିବାକୁ ହେବ, ଲୋକେ ପୋଲିସକୁ ନ ଡରି ଥାନାକୁ ଆସି ଅଭିଯୋଗ ଜଣାଇବେ, ଘଟଣା, ଦୁର୍ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବାକୁ ଲୋକଙ୍କୁ ବୁଝା ଯାଇଥିଲା । ଏହି ଅବସରରେ ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ, ବାଦ୍ୟ, ଖେଳ ଉପକରଣ, କମ୍ବଳ ଆଦି ପ୍ରଦାନ କରାଯାଇଥିଲା । ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଥାନାଧିକାରୀ ରଞ୍ଜିତ କୁମାର ମୁନୀ, ସରପଞ୍ଚ ରୋହିତ କହଁର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସହିତ ଆଲୋଚନା କରିବା ସହ ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ ।

## ଚୋରା ମଦ କୁଟୀର ଶିଳ୍ପରେ ଚଢ଼ାଉ, ୬ ଗିରଫ

**ଗୋପାଳପୁର,୧।୬(ଡି.ଏନ.ଏ.)**

ଚୋରା ରନ୍ଧା ମଦ କୁଟୀର ଶିଳ୍ପରେ ମଙ୍ଗଳବାର ବିଳମ୍ବିତ ରାତ୍ର ଗୋଳନ୍ଥରା ଥାନା ପୋଲିସ ପକ୍ଷରୁ ଅତର୍କିତ ଛାପା ମାରି ବିପୁଳ ପରିମାଣର ରନ୍ଧାମଦ ଓ ପୋଚ ଜବତ କରାଯିବା ସହ ୬ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଇନ୍ଦ୍ରାକ୍ଷୀ ଗ୍ରାମର ମିଟୁ ବେହେରା, ସତୀଶ କୁମାର ସାହୁ, ମୋହନ ବେହେରା, ଜି. କ୍ରିଷ୍ଣା ରେଡ୍ଡୀ, ପୁରୁଷୋତ୍ତମ ସାହୁ, ଲିଲି ସାହୁ। ଏହି ଥାନା ଅନ୍ତର୍ଗତ ଇନ୍ଦ୍ରାକ୍ଷୀ ଗ୍ରାମର କିଆବାଡ଼ରେ ବେଶ କିଛି ମାସ ହେଲା ଚୋରା ରନ୍ଧା ମଦ ପ୍ରସ୍ତୁତ କରି ଆଖପାଖ ଅଞ୍ଚଳରେ ବିକ୍ରି କରାଯାଉଥିଲା। ବିଭିନ୍ନ ସମୟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲେ ମଧ କୌଣସି ପ୍ରକାର ସୁଫଳ ମିଳିପାରୁନଥିଲା। ବ୍ରହ୍ମପୁର ଏସ୍‌ପି ଶର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ଓ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀ ଇନ୍ଦ୍ରାକ୍ଷୀସ୍ଥିତ କିଆବାଡ଼ର ୪ଟି ସ୍ଥାନରେ ଅତର୍କିତ ଛାପା ମାରିଥିଲେ। ଏହି ସମୟରେ ୬ ଜଣଙ୍କୁ କାବୁ କରିଥିବା ବେଳେ ୪ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେଠାରୁ ୪୧୦ ଲିଟର ଦେଶୀ ରନ୍ଧାମଦ, ୫ ହଜାର ଲିଟର ପୋଚ ନଷ୍ଟ କରାଯିବା ସହ ୟୁରିଆ ୪ କେଜି ଓ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏନେଇ ଗୋଳନ୍ଥରା ଥାନାରେ ୧୮୨, ୧୮୩, ୧୮୪, ୧୮୫/୨୨ ମାମଲା ରୁଜୁ ହୋଇଛି। ଏଥିରେ ଅନ୍ୟ ୭ ଜଣଙ୍କ ସମ୍ପୃକ୍ତି ରହିଛି ଏବଂ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ସେହିପରି ବୁଧବାର ସକାଳେ ଲିଲି ଚୋରା ଦେଶୀ ମଦ ନେଉଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ନଂ ୧୮୬/୨୨ରେ ମାମଲା ରୁଜୁ କରି ଲିଲିଙ୍କୁ କୋର୍ଟଚାଲାଣ କରିଥିଲା।

## ପୋତାଗଡ଼ ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ତହସିଲଦାର

**ଗଞ୍ଜାମ,୧।୬(ଡି.ଏନ.ଏ.)**

ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ର ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଛି। ବହୁବର୍ଷ ଧରି ପୋତି ହୋଇ ରହିଥିବା ବିଭିନ୍ନ ଦୁର୍ଗର ପୁନଃଉଦ୍ଧାର କରାଯାଉଛି। ଏଥିପାଇଁ ପୋତାଗଡ଼ ଚତୁର୍ପାଶ୍ୱ ଯୁଦ୍ଧ କାଳୀନ ଭିତ୍ତିରେ ସଫେଇ ହେଉଛି। ବୁଧବାର ତହସିଲଦାର ଅରୁଣ କୁମାର ନାୟକ ପୋତାଗଡ଼ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ଗଞ୍ଜାମ ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ବିଜେଡି ଏନ୍‌ଏସି ଯୁବସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ୧୦ ନଂ ୱାର୍ଡ କାଉନସିଲର ପ୍ରତିନିଧି ଅରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହାର ରୂପରେଖ ପରିବର୍ତ୍ତନ ପାଇଁ ଜିଲାପ୍ରଶାସନ ପୂର୍ବରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ସାରିଛି। ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ପୋତାଗଡ଼ର ଆକର୍ଷଣୀୟ ମୁଖ୍ୟ ଫାଟକ, ଶିଶୁ ଉଦ୍ୟାନ, ଫୁଡ ପ୍ଲାଜା, ବୋଟିଂ କ୍ଲବ ଆଦି ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛି ପ୍ରଶାସନ। ଏହି ଐତିହାସିକ ପୋତାଗଡ଼କୁ ଜିଲାରେ ଏକ ନମ୍ବର ପର୍ଯ୍ୟଟନ ସ୍ଥଳୀ ଭାବେ ଗଢିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଶୀଘ୍ର ଏହାର ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲଦାର କହିଛନ୍ତି।

# ପଶ୍ଚିମବଙ୍ଗ ଦମ୍ପତିଙ୍କ ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ


ଦମ୍ପତିଙ୍କୁ ସନ୍ତାନ ହସ୍ତାନ୍ତର କରାଯାଉଛି ।

**ପାରଳାଖେମୁଣ୍ଡି,୧।୬(ଡି.ଏନ୍.ଏ.)**

ଗଜପତି ଜିଲା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୨୯ତମ ଶିଶୁକୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲାର ଏକ ଦମ୍ପତିଙ୍କୁ ବୁଧବାର ହସ୍ତାନ୍ତର କରିଛନ୍ତି। ଗତ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଜିଲାର ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଶିଶୁଙ୍କୁ ଉଦ୍ଧାର କରି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲମ ପାରଳାଖେମୁଣ୍ଡିରେ ରଖାଯିବା ସହ ସେମାନଙ୍କ ଆଡ୍‌ପଶନ ପାଇଁ କେନ୍ଦ୍ରୀୟ ପୋଷ୍ୟ କେନ୍ଦ୍ରର ପୋର୍ଟାଲରେ ଅପଲୋଡ କରାଯାଇଥିଲା। ତିନିବର୍ଷ ଧରି ଏକ ପୁତ୍ର ସନ୍ତାନ ପାଇଁ ଅନ୍‌ଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ତା'ପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଗଜପତି ପ୍ରସ୍ତୁତ କରିଥିଲେ। ଏହି ସମସ୍ତ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରିବା ପରେ ଶିଶୁକୁ ପଶ୍ଚିମବଙ୍ଗ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ।

## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ସମ୍ମିଳନୀ କାର୍ଯ୍ୟକ୍ରମ ପ୍ରସାରଣ

**ପାରଳାଖେମୁଣ୍ଡି,୧।୬(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସ୍ଥିତ ଗ୍ରାମିଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଜନ କଲ୍ୟାଣ ଯୋଜନା ଅନ୍ତର୍ଗତ ସୀମଲାଠାରେ ହୋଇଥିବା ଗରିବ କଲ୍ୟାଣ ସମ୍ମିଳନୀ କାର୍ଯ୍ୟକ୍ରମର ଭିଡିଓ କନଫରେନସିଂ ମାଧ୍ୟମରେ ବୁଧବାର ସିଧା ପ୍ରଶାରଣ ହୋଇଥିଲା। ଏଥିରେ ଜିଲା ପରିଷଦ ସଭାପତି ଜି ତିରୁପତି ରାଓ, ଜିଲାପାଳ ଲିଙ୍ଗରାଜ ପଣ୍ଡା, ପାରଳା ବିଧାୟକ କେ ନାରାୟଣ ରାଓଙ୍କ ସମେତ ବହୁ ଜିଲା ସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି ଓ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ଲୋକଆଭିମୁଖୀ ଯୋଜନା ଗୁଡିକ ଉପରେ ଭିଡିଓ କନଫରେନସିଂ ମାଧ୍ୟମରେ ଅବଗତ କରାଯାଇଥିଲା ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଦିଗପହଣ୍ଡିର ସଫଳତା

## ସ୍ୱର୍ଣ୍ଣ, ରୋପ୍ୟ ଓ କାଂସ୍ୟ ପଦକ ଜିତିଲେ ପ୍ରତିଯୋଗୀ

**ଦିଗପହଣ୍ଡି,୧।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଛତ୍ରପୁର ଷ୍ଟାଡିୟମ ସ୍ଥିତ ଇନଡୋର ହଲରେ ଗଞ୍ଜାମ ଜିଲାସ୍ତରୀୟ ୮ମ କ୍ୟୁରୋଗୀ ଓ ୭ମ ପୁମସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଦିଗପହଣ୍ଡି ଅଞ୍ଚଳର ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୋପ୍ୟ ଓ କାଂସ୍ୟ ପଦକ ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଦିଗପହଣ୍ଡି ସ୍ଥିତ ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ବାସୁ ନାୟକଙ୍କ ନେତୃତ୍ୱରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦିଗପହଣ୍ଡି ଅଞ୍ଚଳର ୧୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଏସ. କିର୍ତ୍ତୀ ରେଡ୍ଡୀ, ରାଜଲକ୍ଷ୍ମୀ ସେଠୀ, ସ୍ନେହାରାଣୀ ଗୌଡ଼ି, ଶୁଭସ୍ମିତା ସ୍ୱାଇଁ, ଅଙ୍କେଶ ପ୍ରଧାନ, ଏସ୍. ରୋଶନ ଦୋରା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସତ୍ୟ ପ୍ରିୟମ, ଏସ. ଶୁଭମ ରେଡ୍ଡୀ, ସୂର୍ଯ୍ୟ ଦୀପ ଗୌଡ଼ ରୋପ୍ୟ ପଦକ ଏବଂ ଆରିୟନ ନାୟକ, ବି. ଶିବରାମ ପାତ୍ର, ସୋହନ ସାହୁ ଓ ସାଇକ୍ରିଷ୍ଣା ବେହେରା କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ୭ମ ପୁମସେ ପ୍ରତିଯୋଗିତାରେ ଏସ୍. କିର୍ତ୍ତି ରେଡ୍ଡୀ କାଂସ୍ୟ ପଦକ ପାଇଛନ୍ତି । କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷକ କହିଛନ୍ତି। ଏଭଳି ପଦକ ହାସଲ କରିବାରୁ ପ୍ରତିଯୋଗୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଏକାଡେମୀର ସଭାପତି ଆଲୋକ ବିଶୋଇ ପ୍ରଶିକ୍ଷକ ଓ ପ୍ରତିଯୋଗୀମାନଙ୍କ ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।


ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ ।

# ସମ୍ପୂର୍ଣ୍ଣ ହେଉନି କାଶୀନଗର ଏନ୍‌ଏସିର ଅଧୁରା କାମ

**କାଶୀନଗର,୧।୬**

ଗଜପତି ଜିଲାର ଦ୍ୱିତୀୟ ସହର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ୪୭ ବର୍ଷ ପୂର୍ତ୍ତି ହେଲାଣି। ତଥାପି ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ। ଏଠାରେ ନିଜସ୍ୱ ଏନ୍‌ଏସି କାର୍ଯ୍ୟାଳୟ ନାହିଁ। ଟାଉନ ହଲ୍, ପାର୍କ ଓ ବସ୍‌ଷ୍ଟାଣ୍ଡ ନାହିଁ। ଏନ୍‌ଏସିର ପରିଚାଳନା ପରିଷଦ ଗଠିତ ହୋଇନଥିଲା। ଦୀର୍ଘ ତିନିବର୍ଷ ଧରି ସରକାରୀ କର୍ମଚାରୀଙ୍କ ଶାସନରେ ପରିଚାଳିତ ହେଉଥିଲା। ପ୍ରଶାସନର ପରିଚାଳନା ବେଳେ ବ୍ଲକ ରୋଡ କାର୍ଯ୍ୟ ଅଧାପନ୍ତରିଆ ରହି ରାସ୍ତାରେ ପାଣି ଜମି ଯାଉଛି। ପଟେଲ ରୋଡ୍‌ରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଅଧା ନିର୍ମାଣ ହୋଇ ବିସ୍ଥାପିତ ଦୋକାନୀଙ୍କୁ ବଣ୍ଟନ ହୋଇପାରିନାହିଁ। ଇ-ଲାଇବ୍ରେରୀ କାର୍ଯ୍ୟ ଅସମ୍ପୂର୍ଣ୍ଣ। ସୌନ୍ଦର୍ଯ୍ୟକରଣ କରିବା ପାଇଁ ଯେଉଁ ମୋ କାଶୀନଗର ଫଳକ କରାଯାଇଛି ତାହା ମଧ୍ୟ ଅସୌନ୍ଦର୍ଯ୍ୟରେ ରହିଛି। ବର୍ଷାଦିନ ଆଗମନ କିନ୍ତୁ ନର୍ଦ୍ଦମା କାମ ହୋଇପାରିନାହିଁ। ମେଡିକାଲ ରୋଡ କଡ଼ରେ ହେଉଥିବା ପରିବା ମାର୍କେଟ ଘର ପୁନାଦି ପକାଇ କାମ ଅଟକିଛି। ନୂତନ ପରିଷଦ ଗଠନ ହେଲାଣି କିନ୍ତୁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ତତ୍ପରତା ଦେଖାଯାଉନି। ପରିଷଦ, ଜିଲାପାଳ ଦୃଷ୍ଟି ଦେଲେ ଜନସାଧାରଣ ଉପକୃତ ହୋଇପାରିବେ।



ମୋ କାଶୀନଗର ଫଳକ।

## ଗ୍ରାମୀଣ ପାନୀୟଜଳ ଯୋଗାଣ, ପରିମଳ ବିଭାଗର ବୈଠକ

**ରାୟଗଡ଼(ଗଜପତି),୧।୬(ଡି.ଏନ୍.ଏ.)**

ରାୟଗଡ଼ ବ୍ଲକର ସଦ୍ ଭାବନା ସଭାଗୃହଠାରେ ପ୍ରିନ୍ସିପାଲ ସେକ୍ରେଟେରି, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମୀଣ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗର ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଜିଲା ପରିଷଦ ସଭ୍ୟା ଗୌତମୀ ଜାନି, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ବିଧାୟକ ପ୍ରତିନିଧି ମାଫିଏଲ ସ୍ୱାଲସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ସ୍ୱତନ୍ତ୍ର ଭାବେ ପ୍ରତି ପଞ୍ଚାୟତର ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗର ଉପରେ ପଞ୍ଚାୟତ ପ୍ରତିନିଧିମାନଙ୍କ ସହିତ ଗୁରୁତର ସହ ଆଲୋଚନା କରାଯାଇଥିଲା। ଏଥିରେ ସମ୍ପୃକ୍ତ ପିଇଓମାନେ ଉପସ୍ଥିତ ଥିଲେ।

